Frederick Douglass said: "It is easier to build strong children than to repair broken men." Every investment we make in the children today multiplies in the future they create. When I started my educational entrepreneurship journey with just Rs. 5,000, in my pocket, I believed what I know now; every child carries infinite potential. Every child deserves the chance to discover their gifts. True education liberates and transforms. In fact developmental psychology teaches us that early experiences shape a child's entire life. This validates what our hearts know that childhood matters most in a person's life cycle.

**The Art of Giving**

This Children's Day, let us practise the art of giving not just by sharing material things, but with in built presence, attention, encouragement, and belief. Give children your time. Listen to their stories. Answer their questions with patience. Give them freedom to make mistakes and learn. Don't impose adult anxieties on their young shoulders. Give them education that liberates and opens up minds. Education that teaches them to think, question, and create. Most importantly, give them hope. Show them that circumstances don't define destiny. Let them feel for themselves that determination changes everything.

**The Legacy We Leave behind**

My mother, Smt. Nilima Rani Samanta, left no stone unturned to ensure that her seven children received education despite extreme poverty. She couldn't give us wealth, but she gave us values. She couldn't give us comfort, but she gave us courage. Throughout my organization building work at KIIT and KISS, I see this cycle repeat across generations. When we invest in one child's education, we invest in their entire community's future. When we protect one child's innocence, we preserve humanity's

hope. This should be the motto of Children's Day.

We just can't celebrate Children for one day i.e 14th November while ignoring them for the remaining 364 days. It's about recommitting us to their welfare, education, protection, and future. Let us remember that in serving children, we secure humanity's tomorrow. In protecting their innocence, we preserve what is best in human nature. In investing in their education, we invest in building a more just world. May Lord Jagannath bless every child with the opportunity to grow with dignity, to learn with joy, and to live with purpose. And may we adults have the wisdom to give them what they need most – our love, our time, and our belief in their infinite potential & do not force them into adulthood rather prematurely.



# The Best Way to Bond with My Neighbours

Saranya Nanda

My neighbourhood is more than just a group of homes; it is a vibrant community composed of different families from all over the country. We all speak various languages, have different traditions, and eat rather different foods. For most of the year, we just wave to each other as we rush to school. However, everything is different when a festival comes. Everyone is drawn out of their homes and into an environment of joy, laughter, and companionship by the celebratory mood, which functions as a strong magnet. Honestly, celebrating festivals with my neighbours is the most enjoyable thing I do, and it is the best way to reinforce the unseen but indestructible link that unites our community.

To celebrate festivals like Kumar Purnima, Diwali, Holi, New Year's Eve, and many more, my family, my neighbours, and I gather on our terrace or yard. Preparation is where the fun begins, and for me, it is usually the best part. For example, on Diwali or Kumar Purnima, I join the other kids in making rangolis, painting little diyas, and cleaning the area. The excitement of participating to make the neighbourhood feel lovely is an effective source of happiness. Enjoyment peaks on the day of the festival itself. It is an amazing sensory experience. On this occasion we shared the delicacies prepared by aunties of society and we savour them together. On Kumar Purnima, we girls gather on the terrace to worship the moon god, further on Karthik Purnima we make paper boats and sail those together on society pond. Likewise on New Year's Eve, everyone in our building gathers on the rooftop to prepare a variety of delectable dishes. As

children, we play music, groove, and dance together. In addition to telling us various mythological tales, my grandma also asks us some questions about those by gone days. But for me the dinners are the most enjoyable part. A wonderful buffet is organised where every household contributes their best dish. We sit together, sharing food and telling stories, and the meal feels more enjoyable than eating alone at home. This collective joy and shared feasting truly make the festival unforgettable.

These shared festivities are more important than just being enjoyable because they truly deepen our relationship. During the festival, the teamwork and fun foster a sense of trust. For me, having a celebration with neighbours means joy, delicious food, and the brightest colours and music. It creates a fabric of mutual respect, trust, and shared memories that honestly strengthens our relationship and gives the impression that our neighbourhood is a one big and happy family. Taking everything into account, I would like to conclude that festivals are occasions that deepen our bond. Festivals are the occasions that strengthen our solidarity and we feel towards our neighbourhood. Making our neighbours feel good, empowers our community life.



# Joy of Neighbourgood

Shrilekha Swain

I live in Bhubaneswar with my parents, my sister, and my maternal family. I really enjoy living in a joint family (with my maternal family in Bhubaneswar and families of father's siblings in village) because it is always full of love, laughter, and togetherness. Living in Bhubaneswar, life always feels fast and busy. Everyone is in a hurry - to school, to office, or to coaching classes. Though our colony is full of people, we hardly know anyone beyond a quick "hello/hi" when we see someone we know. Sometimes, I wonder what it would be like to live in a place where people actually know and care for each other. Every summer vacation, I find my answer when I visit our village in Cuttack district. The first thing I notice there is the warmth. Everyone greets one another with smiles. The air feels full of friendship and care. However, I had never truly experienced the real charm of a neighborhood until I saw how people live like one big family in our village. Since my birth, I have been visiting my village at least once a year, where my grandmother and my father's elder brothers' families live. However, it was only when I was in Class-IV, that I began to truly notice and understand the wonderful things that happen there during our visits. Since then, I have been enjoying the true spirit of neighborhood in our village and experiencing what I like to call neighbourgood. I would like to share one recent incident that perfectly explains this beautiful concept of how a neighborhood can truly become a neighbourgood.

This year, I went to our village during the Durga Puja vacation. Since Kumar Purnima, a special festival for girls, was only a week away, the girls in our village were already playing different folk games in the streets. The grandmothers of our sahi (a part of the village) sat nearby, watching over the little girls and cheering for them. My sister and I also joined them, but we didn't know much about those traditional games. My sister always carries her headphones when she goes out, so an idea came to my mind. Using

her headphones, we decided to introduce a fun city game called the Headphone Game, which is actually the Whisper Challenge. Since the girls of our sahi had never played it before, we taught them the rules. Everyone was excited and learned very quickly. Soon, all of us were laughing and playing for hours with full joy. While we were playing, I noticed two small girls standing nearby. They were smiling and clapping but didn't come forward to join. I went to them and asked softly, "Would you like to play too?" Their eyes lit up, and they nodded eagerly. I gave them a chance, and as soon as they joined, their faces glowed with happiness. Watching them enjoy made me feel really glad. We kept playing until all of us were tired and our voices went hoarse from laughing so much. The next day, those two little girls came running to us without any hesitation and said, "Didi, shall we play again?" Their excitement was so sweet that we couldn't say no. We played many games again, and they took part with a lot of enthusiasm.

Since my father couldn't take leave till Kumar Purnima, we had to return to Bhubaneswar before the festival. Before leaving, my mother and cousin sisters arranged a small feast for all our new friends from the sahi. We played, danced, and shared sweets. Everyone enjoyed it a lot. On the day of our departure, the atmosphere became emotional. All our friends, my grandma, and even the little girls had tears in their eyes. Those two small girls came running and said, "Didi, please stay just two more days, at least till Kumar Purnima." Their words truly touched my heart. Though we had to leave, we promised them that we would surely come again during the winter vacation.

While returning to Bhubaneswar, I told my father everything that had happened. He smiled and said, "You have just practised the Art of Giving, dear." I had heard about this concept from him. My father often speaks proudly about Prof. Achyuta Samanta, the eminent educationist, who started the Art of Giving movement. He always tells me that, according to Prof. Samanta, giving is not only about money or gifts - it is about sharing time, care, knowledge, and love. When we give without expecting anything in return, we make life more beautiful for ourselves and others.

Truly, when we help our neighbours and practise the Art of Giving, we don't just make our surroundings better - we make our neighborhood truly neighbourgood. I really wish we had such a close neighbourhood in our colony in Bhubaneswar too, so that I could also play my part in turning it into a true neighbourgood.



# From Neighbourhood to Neighbourgood: Small Acts, Big Impact

Aahan Pattnaik

Neighbourhood (NAY-buh-hood) is a word that traces its roots back to the Middle English period of the 1500s and means "the condition of being near-dwellers" that is, simply, being neighbours. The word neighbourhood in and of itself conjures a mental image of a safe community. A support system that acted as a safety web and provided support. Many must have memories of playing with their neighbour's children, reminisce on the life lessons they taught us, the feeling of safety and comfort they provided as they chased the loneliness of life away simply with their presence.

The problem is that in today's era, with the transformation of the society having been enabled by the Information Technology and the increase of the complications and business of life due to the rapid influx and exodus of information, people are simply unable to interact with those who live next door beyond basic pleasantries. In comparison with the childhood of today's adults, who had maintained close relations with their neighbours, many of whom were like family members to them. Children have grown more introverts due to the two year lockdown induced by COVID-19 restrictions. Further yesterday's children, who became today's adults, & grew with the social media revolution have barely any time to themselves, let alone enough time to socialize.

So, what can be done? Something straightforward and efficacious. If both parties are unable to act, simply take the initiative. An action as effortless as calling over a neighbour for tea and snacks, for a chat, to watch a match or to invite them to a social/festive gathering such as a birthday party. An enduring, stable solution also does not take much effort. Ultimately, the next step after taking the initiative is consistency. Simply repeat these steps and you will see your neighbours stepping up as well,

creating valuable future connections.

After all this, you may be wondering why this is relevant. Well, these steps to solve the contemporary problem of fragmented communities (neighbourhoods) and can produce a relationship that is mutually beneficial and fruitful to all parties, as these simple actions can create a long lasting association that provides support in case of emergencies and people who can step up when you need it. Essentially, it creates a correspondence that has a high probability of yielding high returns in the future.

By promoting the community, creating a sense of unity and being surrounded by acquaintances-turned-friends can create a positive environment that can boost mental health, increase productivity and bring us closer to the paradise we lost, during the time when our adults were children, when being alone was a rarity, when our fragmented societies were a singular entity, a singular neighbourhood.

Hence bringing good to the Neighbourhood can act as a panacea for today's disjointed society. On the long run we all can look forward to a better community life leaving aside self created cocoons.



# The Dodo and the Calvaria tree: A story of good Neighbours

Chandralin Nayak

Long, long ago, on a beautiful island called Mauritius, there lived a big, gentle bird named Dodo. The Dodo could not fly, but it was happy walking around the forest, eating fruits that fell from the tall trees. One of its favourite trees was the Calvaria Tree, it had round, hard fruits with seeds inside.

The Dodo and the Calvaria Tree were good neighbours. The Dodo ate the fruits, and when it swallowed the hard seeds, something amazing happened! The seeds passed through the Dodo's stomach and came out ready to grow into new trees. Without the Dodo's help, the seeds stayed hard and could not germinate.

In this way, for many years, the Dodo and the Calvaria Tree helped each other, one helped the tree to increase its numbers, and the other gave shade and more fruits. That is how nature's neighbourhood symbiotically worked, as every living being helped another.

But one day, people from outside came to the island and started hunting the Dodos, as the birds were easy prey for the cruel people. Slowly, all the Dodos disappeared from the forest. Calvaria tree, not seeing her dearest neighbours, was worried. She asked the mountain. The mountain was clueless. After all the mountain couldn't move and know where Dodo was. Calvaria restless, asked the peacock. The peacock didn't know about Dodo either. She moved to her last resort, air. Air could move everywhere, & knew everything. He tired to go against the careless, selfish man. He was very angry and created tornadoes. But alas, the air too failed against the disobedient, heartless,

merciless, cruel man. Air kept on talking, Calvaria listened quietly. Finally air stopped talking; the Calvaria became heartbroken & began crying uncontrollably knowing that the Dodos would never return. After that, no new Calvaria trees ever grew, because there were no Dodos to help the seeds soften . The forest began to lose one of its good neighbours.

This beautiful & heart touching story teaches us that a good neighbourhood is essential not just amongst people, but also in nature. All the living creatures are neighbours who depend on one another. When one disappears, the others also suffer.

So, we must take care of all our neighbours, the people who live near us and the plants and animals around us. When we help one another, like the Dodo and the Calvaria Tree, our world becomes a happy and healthy neighbourhood for everyone where all can stay well.



# The Art of Giving: Bringing Good to the Neighbourhood

Dhanesh Samantaray

In every corner of the world, neighbourhoods form the heart of our communities- places where lives intersect, cultures blend, and stories are shared. While towering buildings and bustling streets may define the physical landscape, it is the people and their spirit of giving that breathe life into a neighbourhood. Giving isn't just about material charity; it's about connection, kindness, and a shared commitment to making our surroundings better.

**The Power of Small Acts**

Giving doesn't have to be grand to be impactful. Sometimes, the smallest acts create the biggest ripples. A warm smile to a neighbour, helping carry groceries, or mowing the lawn for an elderly resident — these gestures build trust and reinforce a sense of belonging. In a world that often feels fast-paced and impersonal, simple kindness can be revolutionary.

**Sharing Skills and Time**

One of the most meaningful ways to give is by sharing your time or talents. If you're good with tools, offer to fix a broken fence. Love baking? Surprise a neighbour with homemade treats. Fluent in a second language? Help tutor kids after school. Every neighbourhood is a mosaic of needs and skills — and giving creates the bridge between the two.

**Supporting Local Initiatives**

Community gardens, book exchanges, clean-up drives, or block parties — these aren't just fun events; they're the glue that strengthens neighborly bonds.

**Creating a Culture of Care**

When one person gives, it often inspires others to do the same. This chain reaction cultivates a culture where generosity is normal and expected.

**The Joy in Return**

Giving to your neighborhood doesn't deplete you — it enriches you. It builds deeper connections, reduces loneliness, and creates a safety net where people look out for one another. In times of crisis, a generous community is a resilient one.



# Krishna: The beacon of Art of Giving

Dayanita Das

One of the most inspiring lessons on the art of giving comes from the story of Lord Krishna and his childhood friend Sudama. It beautifully shows that true giving is not measured by wealth, but by love and selflessness. Krishna and Sudama were childhood friends who studied together in the ashram of Guru Sandipani. Though Krishna was born into royalty and Sudama was a poor Brahmin, their friendship was pure and free from pride. They shared food, studied, and played together & nurtured deep affection for each other.

After completing of their education, Krishna returned to Dwaraka as a prince, while Sudama lived a humble life of a house holder stricken by poverty. Years passed, and Sudama's life became harder. He and his wife barely had enough to eat. One day, out of deep concern, his wife said, "Go to Krishna. He is now the king of Dwaraka. Surely, he will not let his old friend suffer." At first, Sudama refused, feeling ashamed to seek help, but his wife gently persuaded him. Before he left, she packed a small bundle of flattened rice (poha), the only food they had, as a gift for Krishna.

Though it seemed insignificant, it was filled with sincerity and love. When Sudama reached Dwaraka, he was overwhelmed by the city's splendor — grand palaces, shining jewels, and joyous music everywhere. Yet, as soon as Krishna saw him, he ran forward with open arms and embraced his old friend warmly. The Lord of Dwaraka himself welcomed the impoverished Brahmin with love, washed his feet, and seated him with great honor. Everyone in the palace was moved by Krishna's humility and affection for his childhood friend. When Krishna noticed Sudama hiding the small bundle of rice, he took it smilingly, saying, "What have you

brought for me?" Opening it, he tasted the poha and exclaimed, "This is the sweetest meal I've ever tasted." To Krishna, the gift's value lay not in its price, but in the pure heart that offered it. He accepted it as if it were the richest food in the world. Sudama stayed with Krishna for a while, treated with the greatest care and love. However, he never asked Krishna for anything, not wanting to seek favors out of friendship. When he returned home, he carried nothing material.

But upon arrival, he was astonished — his old hut had transformed into a magnificent home, his wife was dressed in fine clothes, and there was abundance everywhere. Krishna had quietly blessed him with prosperity, rewarding his devotion without being asked. The story of Krishna and Sudama is a timeless message about the art of giving. Sudama's small gift became priceless through his heartfelt devotion, while Krishna's generosity came from divine compassion. True giving, the story teaches, is not about quantity but about intention. When one gives with a pure and loving heart, the act becomes sacred. Through his boundless kindness, Krishna shows that giving selflessly, with genuine affection, connects us to the divine within ourselves and others.



# Neighbourhood: The Art of Giving and Bringing Good to the Neighbourhood.

Prajval Veer Pradhan

Giving is more than just a gesture; it is an art — a beautiful, purposeful act that has the power to weave communities together. In today's busy world, where personal connections often take a backseat to technology and routine, the spirit of giving in our neighbourhoods can be a transformative force. This is where Neighbourhood steps in, championing the art of giving to bring genuine good to our local communities.

**The Art of Giving: More Than Just Charity**

Giving doesn't have to be grand or expensive. It is an art that can take many forms — from offering a helping hand to a neighbour, sharing a meal, or simply listening with empathy. When practiced intentionally, giving becomes a catalyst for kindness, trust, and unity.

Neighbourhood embraces this philosophy wholeheartedly. It reminds us that giving back to our neighbourhoods is about nurturing relationships, supporting one another, and creating spaces where everyone thrives.

**Neighbourhood: Giving That Strengthens Communities**

Neighbourhood is an inspiring initiative focused on revitalizing neighbourhoods through collective generosity. Whether it's through shared resources, community events, or acts of kindness, the movement encourages individuals and families to invest time, energy, and care into their immediate surroundings.

**This approach creates a ripple effect:**

- Empowered neighbours become more willing to support each other.
- Shared spaces become hubs of creativity and collaboration.

- Local businesses and artisans receive encouragement and patronage.
- The environment benefits from sustainable and mindful giving.

Why Giving Matters in Neighbourhoods

Neighbourhoods are the heart of any city or town. When people give generously within their local spaces, it builds a foundation of trust and belonging. This can mean organizing community clean-ups, donating skills or goods, mentoring youth, or simply fostering inclusivity by welcoming newcomers.

Neighbourhood highlights how these seemingly small acts collectively create a safer, happier, and more vibrant place to live.

**The Joy and Reward of Giving.**

Giving is not just beneficial for the receiver — it enriches the giver's life as well. Studies show that acts of generosity increase feelings of happiness and reduce stress. When neighbours come together in the spirit of giving, they cultivate a sense of purpose and connection that transcends everyday challenges.

Neighbourhood encourages us to see giving as a joyful art form — one that blends intention, compassion, and action to craft better neighbourhoods.



Prof. Achyuta Samanta,
Founder - Art of Giving amongst happy children




# WORLD CHILDREN'S DAY

20TH NOVEMBER

**Reminds us that every child has the right to education, safety, & opportunity**

**At KISS, we work each day to turn these rights into reality.**



# ଦେବାର କଳା- ପଡୋଶୀଙ୍କ ସହଯୋଗ ଓ ସହଭାଗିତା

କୌଶଲ୍ୟା ପଟ୍ଟନାଏକ

**"ଦେବାରେ ଅଛି ଆନନ୍ଦ**
**ସହଯୋଗରେ ଅଛି ସଂପର୍କ**
**ସହଭାଗିତାରେ ଅଛି ଏକତା**
**ଏହି ତିନି ହିଁ ଜୀବନର ଶୋଭା ।"**

ଭଗବାନଙ୍କ ସୃଷ୍ଟିରେ ଜୀବଜନ୍ତୁ, ବୃକ୍ଷଲତା, କୀଟପତଙ୍ଗ ଇତ୍ୟାଦି ମଧ୍ୟରୁ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ହେଉଛି ମନୁଷ୍ୟ। ତେଣୁ ସେ ଏକାଧାରାରେ କଦାପି ରହିପାରେ ନାହିଁ। ଜୀବନକୁ ସୁଖମୟ, ଆନନ୍ଦମୟ ଓ ଅର୍ଥପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ସହଯୋଗ ଓ ସମଭାଗିତା ଆବଶ୍ୟକ ମନେକରେ । ଏହାହିଁ ହେଉଛି ସମାଜର ମୂଳଭିତ୍ତି । ସମାଜରେ ବସବାସ କରୁଥିବା ମନୁଷ୍ୟମାନଙ୍କ ମଧ୍ୟରୁ ଭଲ ମନୁଷ୍ୟଟିର ପରିଚୟ ସେହି ବ୍ୟକ୍ତି ପାଖରୁ ପାଇଥାଉ, ଯେଉଁଠି ଆତ୍ମବିଶ୍ୱାସ, ସ୍ୱାଭିମାନ, ଧୈର୍ଯ୍ୟ, ଆଦର୍ଶ ଏବଂ ନୈତିକତା ପରିଲକ୍ଷିତ ହୋଇଥାଏ । ଆମ ନିକଟତମ ସଂପର୍କୀୟ ମଧ୍ୟରୁ ପଡ଼ୋଶୀମାନେ ହେଉଛନ୍ତି ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସହଯୋଗ ଓ ସମଭାଗିତା ଆମ ଜୀବନରେ ଶକ୍ତି ଯୋଗାଇଥାଏ । ଯେତେବେଳେ ଆମେ ପଡ଼ୋଶୀଙ୍କ ସହ ସୁଖ ଓ ଦୁଃଖରେ ଭାଗୀଦାର ହୋଇଥାଉ ସେତେବେଳେ ସମାଜରେ ଏକ ସୁନ୍ଦର ସଂପର୍କ ଗଢ଼ିଉଠିଥାଏ। ବିଶେଷକରି ଶୋକ ସମୟରେ ପଡ଼ୋଶୀଙ୍କ ସହାୟତା ଆମକୁ ନିଜ ପରିବାର ଭଳି ଆଶ୍ୱାସନା ଦେଇଥାଏ । ଯେଉଁଠି ସହଯୋଗ ଓ ସମଭାଗିତା ଥାଏ, ସେଠାରେ ଈର୍ଷା ମନୋଭାବ କିମ୍ବା ଦୂରତା ଆଦୌ ନଥାଏ ।

ମନୁଷ୍ୟ ଜୀବନର ସର୍ବଶ୍ରେଷ୍ଠ ଗୁଣ ହେଉଛି ପରୋପକାର । ନିଜ ସୁଖ ଭଳି ଅନ୍ୟମାନଙ୍କ ସୁଖରେ ଆନନ୍ଦ ଅନୁଭବ କରିବା ହେଉଛି ସତ୍ୟ ସୁଖ । ଦେବାରେ ଆନନ୍ଦ ପ୍ରାପ୍ତି ଅର୍ଥ 'ନିଜ ପାଖରେ ଥିବା ସ୍ନେହ, ପ୍ରେମ, ଭଲପାଇବା ଅଥବା ଯେ କୌଣସି ଜିନିଷ ହେଉନା କାହିଁକି ଅନ୍ୟ ସହିତ ଭାଗ କଲେ ସେଥିରେ ଖୁସି ଅନୁଭବ କରିବା' । ଦେବା କେବଳ ଧନ ବା ବସ୍ତୁ ନୁହେଁ, ଏହା ହେଉଛି ଆମର ସମୟ ସହାୟତା ଓ ସହାନୁଭୂତି । ଯେତେବେଳେ ଆମେ ଦୁଃଖୀ ଲୋକଙ୍କୁ ସହାୟତା କରିଥାଉ, ଭୋକିଲା ଲୋକଙ୍କୁ ଖାଇବାକୁ ଦେଇଥାଉ, ଶିକ୍ଷାହୀନକୁ ଶିକ୍ଷା ପ୍ରଦାନ କରୁ ସେତେବେଳେ ଆମ ମନ ଅସୀମ ଶାନ୍ତି ଓ ସନ୍ତୋଷ ଅନୁଭବ କରିଥାଏ। ଏହି ସନ୍ତୋଷକୁ କିଣିବା ଟଙ୍କାରେ କଦାପି ସମ୍ଭବ ନୁହେଁ।

ତେଣୁ କାହାଠାରୁ ନେବା ତୁଳନାରେ ଅନ୍ୟକୁ ଦେବା ହେଉଛି ଶ୍ରେଷ୍ଠତମ କାର୍ଯ୍ୟ । ଯେଉଁଠାରେ କିଛି ଦେବାର ଭାବ ରହିଥାଏ, ସେଠାରେ ପଡ଼ୋଶୀଙ୍କ ସଂପର୍କ ମଜଭୁତ ହେବା ସହିତ ସମାଜ ଶାନ୍ତିମୟ ହୁଏ ।

ମାନବ ଜୀବନର ମୂଳ ଶିକ୍ଷା ହେଉଛି ସେବା ଓ ଦାନ। ଯେଉଁମାନେ ନିଜ ସ୍ୱାର୍ଥକୁ ଭୁଲି ଅନ୍ୟର ମଙ୍ଗଳ ପାଇଁ ଚିନ୍ତା କରନ୍ତି, ସେମାନେ ପ୍ରକୃତରେ ଦାନବୀର। ଭାରତୀୟ ଇତିହାସକୁ ଅନୁସରଣ କଲେ ମହାନ୍ ଦାନବୀରଙ୍କ ଉଲ୍ଲେଖ ମିଳେ। ମହାଭାରତର କର୍ଣ୍ଣ ଥିଲେ ସବୁଠୁ ଶ୍ରେଷ୍ଠ ଦାନବୀର। ସେ ନିଜର ଜୀବନ ରକ୍ଷା ନିମନ୍ତେ ସମସ୍ତ ଅସ୍ତ୍ର ଓ କବଚକୁ ଦାନ କରିଦେଇଥିଲେ। ସେହିପରି ମହାରାଜ ହରିଶ୍ଚନ୍ଦ୍ର ସତ୍ୟ ଓ ଦାନର ପଥରେ ଅଟଳ ରହି ନିଜ ପରିବାରକୁ ମଧ୍ୟ ତ୍ୟାଗ କରିବାକୁ ପଛେଇ ନ ଥିଲେ। ଆଧୁନିକ କାଳରେ ମଦର ଟେରେସା, ଗୋପବନ୍ଧୁ ଦାସ ଓ ମହାତ୍ମାଗାନ୍ଧୀ ଦେବା ଓ ସେବାର ମାଧ୍ୟମରେ ଦାନ ବୀରତ୍ୱ ପ୍ରଦର୍ଶନ କରିଛନ୍ତି।

ଏହି ସହଯୋଗ ଓ ସହଭାଗିତାକୁ ଦୃଷ୍ଟିରେ ରହି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ୨୦୧୩ ମସିହା ମେ ୧୭ ତାରିଖରୁ ‘ଆର୍ଟ ଅଫ୍ ଗିଭିଙ୍ଗ’ ପାଳନ ଜରିଆରେ ସମାଜର ପ୍ରତ୍ୟେକ ସାହିପଡ଼ିଶାର ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଏକ ମାଧ୍ୟମ ଭାବେ ବାଛି ନେଇଛନ୍ତି। ଏହାର ଉଦ୍ଦେଶ୍ୟ ସମାଜର ସାହି ପଡ଼ୋଶୀ ମଧ୍ୟରେ ସ୍ନେହ, ପ୍ରେମ, ସଂପର୍କ, ଭାତୃତ୍ୱ ବନ୍ଧନ ଓ ଭାଇଚାରା ଭାବନା ଜାଗ୍ରତ କରାଇବା। ତେଣୁ ସେ ତାଙ୍କ ଜୀବନରେ ପର ହିତ ପାଇଁ ନିଜର ସର୍ବସ୍ୱକୁ ଜଳାଞ୍ଜଳି ଦେଇ ସମାଜ ସେବାକୁ ଗ୍ରହଣ କରିନେଇଛନ୍ତି। ପ୍ରତ୍ୟେକ ବର୍ଷ ସମାଜକୁ ନୂତନ ସନ୍ଦେଶ ଦେବା ସହିତ ପ୍ରେରଣା ଯୋଗାଇ ଆସିଛନ୍ତି। ନିଜ ପାଇଁ ଜୀବନ ସୀମିତ, କିନ୍ତୁ ସମାଜ ପାଇଁ ଜୀବନ ଅମର ଓ ସ୍ମରଣୀୟ, ଏହି ପଦେ କଥା ଆମକୁ ଚେତେଇ ଦେଉଛନ୍ତି।

ବାସ୍ତବରେ ଦେବାର କଳା ଆମକୁ ମାନବତା, ଦୟା ଓ ଭାଗୀଦାରିର ଶିକ୍ଷା ଦେଇଥାଏ। ସମସ୍ତଙ୍କ ହୃଦୟରେ ଜାଗ୍ରତ କରାଇ ଦିଏ ଯେ, ଅନ୍ୟଙ୍କ ସୁଖରେ ଆମରି ସୁଖ ରହିଛି। ପଡ଼ୋଶୀଙ୍କ ସହଯୋଗ ଓ ସମଭାଗିତା ହେଉଛି ଜୀବନର ଏକ ଅପୂର୍ବ ଶୋଭା। ଏହା ନିଜ ହୃଦୟକୁ ମଙ୍ଗଳମୟ ଏବଂ ସମାଜକୁ ଶକ୍ତିଶାଳୀ ଭାବେ ଗଢ଼ିତୋଳେ। ଆସନ୍ତୁ ସମସ୍ତେ ମିଳିମିଶି ଏହି ମୂଲ୍ୟବୋଧକୁ ଗ୍ରହଣ କରି ପଡ଼ୋଶୀଙ୍କ ସହ ସୁନ୍ଦର ସଂପର୍କ ସ୍ଥାପନ କରି ଜୀବନକୁ ଆନନ୍ଦ ଓ ଶାନ୍ତିର ପଥରେ ଆଗେଇ ନେବା। ତେଣୁ ଏପରି ପଦକ୍ଷେପ ନିଶ୍ଚିତ ରୂପରେ ସାଇ ପଡ଼ିଶାଙ୍କ ମଧ୍ୟରେ ଏକ ନବୀନ ପରିଚୟ ସଂପର୍କ ଯୋଗ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।



# ସେହି ପଡ଼ୋଶୀଙ୍କ ପାଇଁ

**ରିଶ୍ମା ସୋରେନ**

ଆଶ୍ୱିନ ମାସର ସେହି ଟିପି ଟିପି ବର୍ଷାର ସନ୍ଧ୍ୟାର ଦୃଶ୍ୟ ମୋ ମନରେ ଗୋଟେ ଛବି ଆଙ୍କି ଦେଇଥିଲା । ବାପାଙ୍କ ହାତ ଧରି ଦଶହରା ମେଢ଼ଦେଖିବା ପାଇଁ ଭିଡ଼ରେ ଚାଲିଥାଏ ଆଗକୁ ଆଗକୁ । ହେଲେ ଆଖି ଉଣ୍ଡୁ ଥାଏ ସେହି ପିଲାଟିକୁ । ଅଦ୍ଭୁତ ଥିଲା ତାର ଶରୀର । ହାତ ଗୋଡ଼ ଦୁଇଟି କାଉଁରିଆ କାଠି ପରି, ପେଟଟା ହାଣ୍ଡି ପରି ଫୁଲି ଯାଇଛି । ଆଖି ଦୁଇଟି ଏତେ ବଡ଼ ବଡ଼ ଯେ ଦେଖି ଡର ଲାଗିବ । ହାତ ପତେଇ ସମସ୍ତଙ୍କଠାରୁ ପଇସା ମାଗୁଥାଏ । ପେଣ୍ଟରେ ଗୋଟେ ସୂତୁଲୀ ବନ୍ଧା ହୋଇଥାଏ । ସାର୍ଟ ଖଣ୍ଡେ ପିନ୍ଧିଥାଏ । ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ମୋ ପଛକୁ ହାତ ଟାଣି ଧରିଥାଏ କିଛି ମାଗିବା ଉଦ୍ଦେଶ୍ୟରେ । ତାକୁ ଦେଖି ମୋତେ ଭାରୀ ଡର ଲାଗିଲା । ସାଙ୍ଗେ ସାଙ୍ଗେ ବାପାଙ୍କ ପଛରେ ଲୁଚିଗଲି । କିନ୍ତୁ ଚେହେରାଟା ଚିହ୍ନା ଚିହ୍ନା ଲାଗୁଥାଏ । କିନ୍ତୁ ଠିକ୍ ଭାବେ ମନେ ପଡୁ ନ ଥାଏ ।

ଖରା ଛୁଟିରେ ପୁଣି ଦେଖାହେଲା ସେହି ଅଦ୍ଭୁତ ପିଲାଟି ସହ, ପୁଣି ଜଙ୍ଗଲରେ । ଗୋଟେ ବାରାହା ପଛରେ ଗୋଡ଼େଇ ଗୋଡ଼େଇ ତୀର ମାରୁଥାଏ । ତାର ତୀର ମାରିବାର କୌଶଳ ମଧ୍ୟ ସ୍ୱତନ୍ତ୍ର ଥିଲା । ମନଟା ତା ପାଖରେ ଲାଗି ରହିଥାଏ । ବାପା ମଧ୍ୟ ମୋ ସହ ଯାଇଥିଲେ । ବାପାଙ୍କୁ ସେଇ ପିଲାଟା ବିଷୟରେ ପଚାରିଲି । ବାପା ଯାହା କହିଲେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲି । ଆମ ଘର ଆଗ ପଡ଼ୋଶୀଙ୍କ ପୁଅ । ପରିବାରର ପରିସ୍ଥିତି ଏମିତି ଯେ ପଢ଼ିବା କଥା ତ ଦୂରର କଥା ଦିନକୁ ଦୁଇମୁଠା ଖାଇବା କଷ୍ଟ । ସେଥିପାଇଁ ମକରାର ଅବସ୍ଥା ଏପରି ।

ତାର ପୂରାନାମ ମକରନ୍ଦ ମୁର୍ମୁ । ସେମାନେ ଦୁଇ ଭାଇ । ବାପା ମଲାପରେ ପରିବାରର ପରିସ୍ଥିତି ଟଳମଳ ହୋଇଗଲା । ଘରେ ପହଞ୍ଚି ଖାଲି ତା କଥା ଭାବୁଥାଏ । ମୋ ନିଜ କଥା ମଧ୍ୟ ଭାବୁଥିଲି । ମୁଁ ଦିନେ ପାଠଶାଠ ନ ପଢ଼ି ଦିଗହରା ହୋଇ ବୁଲୁଥିଲି । କିନ୍ତୁ ଆଜି ଜଣେ ପଡ଼ୋଶୀଙ୍କ ପାଇଁ କିସ୍ ପରି ବିଦ୍ୟାଳୟ ଏବଂ ସାମନ୍ତ ସାର୍‌ଙ୍କ ପରି ଜଣେ ଭଲ ମଣିଷ ପାଇଛି । ଖାଇ ସାରି ଶୋଇବା ସମୟରେ ମୋ ସାର୍‌ଙ୍କ ଚେହେରାଟା ଆଖି ଆଗରେ ନାଚି ଉଠିଲା । ମନେପଡ଼ିଲା ୨୦୨୫ର ଆର୍ଟ ଅଫ୍ ଗିଭିଙ୍ଗର ଉଦ୍ଦେଶ୍ୟ ଗୋଟେ ଭଲ ପଡ଼ୋଶୀ ବିଷୟରେ । ଆମେ ଆମ ପଡ଼ୋଶୀଟି ପାଖରେ କିପରି ଭଲ ହେବା, ଦେବାର କିଛି ନାହିଁ । ଖାଲି ସାମନ୍ତ ସାର୍‌ଙ୍କ ପାଖରେ ଯେଉଁ ଦେବାର କଳାଟି ଅଛି– କେତେବେଳେ ଟିକିଏ ହସରେ ତ, କେତେବେଳେ ପିତୃମାତୃ ହୀନ ପିଲାଙ୍କୁ ତାଙ୍କ ବିଶାଳ ହୃଦୟରେ ସ୍ଥାନ ଦେଇ ।

ପଡ଼ୋଶୀ ଏପରି ଏକ ଶବ୍ଦ ଯାହାର ଆବଶ୍ୟକତା ଆମ ଜୀବନରେ ବହୁତ ଅଧିକ। ପରିବାର ପରେ ଯଦି କେହି ଆସେ ସେ ହେଉଛନ୍ତି ପଡ଼ୋଶୀ। ବିପଦ ସମୟରେ ଯଦି କେହି ପ୍ରଥମେ ଆସି ଠିଆ ହୁଅନ୍ତି, ସେ ହେଉଛନ୍ତି ପଡ଼ୋଶୀ। ଟିକିଏ ଭଲ ବ୍ୟବହାରରେ ତିଆରି ହୁଏ ଗୋଟେ ପରିବାର ବାତାବରଣ। ଦୁହେଁ ଦୁଇଜଣଙ୍କ ପାଇଁ ହୁଅନ୍ତି ଆବଶ୍ୟକତା। ସେଥିପାଇଁ ମଣିଷ ଗୋଟେ ସାମାଜିକ ପ୍ରାଣୀ ଆଉ ତାର ସାମାଜିକତା ତାର ବିଶାଳ ହୃଦୟତାର ଗୋଟେ ଅଂଶ ହୋଇଥାଏ।

ଆଜି ବି ଜଣେ ପଡ଼ୋଶୀଙ୍କ ପାଇଁ ମୁଁ ଏତେ ବଡ଼ ବିଶ୍ୱର ଶ୍ରେଷ୍ଠ ବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ମଣିଷଟି ପାଇପାରିଛି। ଆଜି ମୋର ଦାୟିତ୍ୱ ଜଣେ ଭଲ ପଡ଼ୋଶୀ ହେବାର। ସେଇ ମହାନ ଲୋକର ଆଦର୍ଶରେ ବଢ଼ିଥିବାର କଳାର। ସାର୍‌ଙ୍କ ଗୋଟେ ବାଣୀ ମୋର ମନେପଡ଼େ। ଦାରିଦ୍ର୍ୟରୁ ନିରକ୍ଷରତାର ଜନ୍ମ ସ୍ୱାକ୍ଷରତା ଦାରିଦ୍ର୍ୟକୁ ଦୂର କରିଥାଏ। ରାତି ପାହିଲା ସକାଳ ହେଲା, ଗଲି ମକରାର ମାଆ ପାଖକୁ। ଆମ ବିଦ୍ୟାଳୟ, ମୋ ସାର୍ ଏବଂ ଏଠାକାର ସମସ୍ତ ସୁବିଧା ସୁଯୋଗ ବିଷୟରେ କହିଲି। ଆଉ ସବୁଠୁ ବଡ଼ କଥା ଆମ୍ଭେମାନେ ସେଠି ଏତେ ଦୂରରୁ ଯାଇ ଗୋଟେ ବିଦ୍ୟାଳୟରେ ନୁହେଁ ଗୋଟେ ପରିବାର ପରି ରହୁ। ବିଭିନ୍ନ ଜିଲ୍ଲାରୁ ଆସି କିଏ କାହାର ଏଠି ପଡ଼ୋଶୀ ହୋଇ ମଧ୍ୟ, ହେଇ ଯାଉ ଗୋଟେ ପରିବାରର। ମକରାର ମାଆ ରାଜି ହୋଇଗଲେ। ମକରା ଆଜି ପାଠ ପଢ଼ିବା ସହ ଆର୍ଚେରୀ ଖେଳରେ ମଧ୍ୟ ନ୍ୟାସନାଲ ଲେଭଲ୍‌ରେ ଖେଳୁଛି। ନିଜର ଗୋଟେ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି। ଆଜି ମୁଁ ଗର୍ବିତ। ମୁଁ ଗୋଟେ ଭଲ ପଡ଼ୋଶୀ ହେବା ସହ ସାର୍‌ଙ୍କ ଆଦର୍ଶରେ ଚାଲି ପାରିଛି। ସାର୍‌ଙ୍କ ଭାଷାରେ ଶିକ୍ଷା ଓ ଗୋଟିଏ ଶିଶୁର ତୃତୀୟ ନୟନ। ଆଜି ମକରା ତାର ତୃତୀୟ ନୟନ ଖୋଲି ପାରିଛି।

"ଜାଣେ ଯେ ଦେବାର
ଶୈଳୀ ଏ ଭୁବନେ।
ଧନ୍ୟ ତା ଜନମ ଏ ଜୀବନେ
ଧନ୍ୟ ଆମ ସାର।
ଧନ୍ୟ ତାଙ୍କ ଆଦର୍ଶ
ସବୁ ଦେଇ ଯେ କରନ୍ତି
ସଭିଙ୍କୁ ସେ ବଶ।"



# ସମର୍ପଣର ଭିତ୍ତି ଉପରେ ଗଢ଼ି ଉଠିଥିବା ସମ୍ପର୍କର ସୌଧ

ନିକିତା ଏଲ୍କା

ଢୋଲ, ନିଶାନ୍‌ର ତାଳେ ତାଳେ ପାଦକୁ ପଦ ମିଶାଇ ନାଚି ନାଚି ଥକି ପଡ଼ିଲୁ ଆମେ ଦୁହେଁ। ବସି ପଡ଼ିଲୁ ଯାଇ ଗ୍ରାମଦେବୀଙ୍କର ଅଗଣାରେ। କଥାରେ ଖିଅ ଲମ୍ବି ଚାଲିଲା କାହିଁ କେତେ ଦୂରକୁ। ପ୍ରାୟ ପାଖାପାଖି ବର୍ଷକ ପରେ ଆମେ ଦୁହେଁ ପରସ୍ପରକୁ ଭେଟିଛୁ। ମୁଣ୍ଡ ଉପରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା। ହେଲେ ଅନେକ ସୁଖ ଦୁଃଖ ପରସ୍ପର ଭିତରେ ବାଣ୍ଟିବାକୁ ଅଛି। ମୁଁ ଓ ମୋର ବାନ୍ଧବୀ ଶିବାନୀ। ଗୋଟିଏ ଗାଁରେ ଆମ ଘର। ଘର ଦୁଇଟା ଅଲଗା କିନ୍ତୁ ପରିବାର ଲୋକଙ୍କର ମନ ଗୋଟିଏ। ନ ହୁଅନ୍ତା ବା କିପରି। ଧନ ସମ୍ପତ୍ତି ପାଇଁ ଲୋଭ ନାହିଁ, ବରଂ ଲୋଭ ଭଲପାଇବା ଓ ସ୍ନେହ ଆଦରରେ ରହିଛି। କାଲି ପରି ଆଖି ଆଗରେ ନାଚି ଯାଉଛି ସେଇ ଦିନ। ବିସ୍ଥାପିତ ହୋଇ ପାହାଡ଼ର ସେ ମୁଣ୍ଡରୁ କେତୋଟି ପରିବାର ଉଠି ଆସିଥିଲେ ଆମ ଗାଁକୁ। ସବୁରି ଆଖିରେ ଲୁହ ଓ ଛାତିରେ ଭିଟାମାଟି ଛାଡ଼ିଯିବାର ଛାତିଏ କୋହ। ସମ୍ବଳ କହିଲେ ହାତରେ ଗଣ୍ଠିଲି କେତେଟା ଓ ୮/୧୦ଟି ଛେଳି କୁକୁଡ଼ା। ମୋ ଗାଁ ଲୋକେ ସେମାନଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟାନ୍ୱିତ। ଆପଣେଇ ନେଲା ସେମାନଙ୍କୁ ମୋ ଗାଁ। ସେମାନେ ବି ହୋଇଗଲେ ଆମ ଗାଁ ଲୋକ। କେବଳ ଗାଁ ଲୋକ କହିଲେ ଭୁଲହେବ ବରଂ କିଏ ଦାଦି, ଖୁଡ଼ି, ମାମୁଁ, ମାଇଁ, ମାଉସୀ, ଜେଜର ସମ୍ପର୍କରେ ବାନ୍ଧି ହୋଇଗଲେ। ସମୟ ଗଡ଼ିଚାଲିଲା ତା ବାଟରେ।

ମୁଁ ସେତେବେଳେ କିସ୍‌ରେ ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ହଠାତ୍ ଦିନେ ମାମୁଁ ମୋତେ ଘରକୁ ନେବାକୁ ଆସିଲେ। ମନ ମୋର ଭାରି ଖୁସି ମୁଁ ଘରକୁ ଯିବି। ହେଲେ ମନେ ମନେ ଭାବୁଥାଏ ଏବେତ ଖରାଛୁଟି ହୋଇନି। ମାମୁଁ ମୋତେ ନେବାକୁ କାହିଁକି ଆସିଲେ? ଘରେ ପହଞ୍ଚି ଦେଖିଲି ସମସ୍ତେ ଅଛନ୍ତି କେବଳ ମା ନାହିଁ। ସମସ୍ତଙ୍କୁ ପଚାରିଲି। କେହି କିଛି କହିଲେନି। ଖାଲି ଆଖିରୁ ଲୁହ ଝରାଉଥିଲେ। ଏତିକିବେଳେ ଶିବାନୀର ମା' ତାଙ୍କ ଘର ଭିତରୁ ଦଉଡ଼ି ଆସି ମୋତେ ତାଙ୍କ କୋଳକୁ ଭିଡ଼ିନେଇ କହିଲେ ମା' ଯାଇଛି ପାଖ ଗାଁର ଜଣଙ୍କ ସହ ବାହାରେ କାମ କରିବାକୁ। ତୁ ଆସିଲୁ ଏତେ ବାଟରୁ ଆସିଛୁ କଣ ଗଣ୍ଡେ ଖାଇଦେବୁ। ତାର କିଛି ଦିନପରେ ମୁଁ ବୁଝିଲି ମା' ଆଉ ଫେରିବନି। ସେ ଚାଲିଯାଇଛି ଅଫେରା ରାଇଜକୁ। ସେଇ ଦିନଠାରୁ ମୁଁ ମା'କୁ ମନରେ ଖୋଜେ ସତ, ହେଲେ ମା'ର ଅଭାବକୁ ଖୁଡ଼ି ମୋତେ କେବେ ଅନୁଭବ କରିବାକୁ ଦେଇନାହାଁନ୍ତି। ଖରାଛୁଟିରେ ମନଲାଖି ଖାଇବା ହେଉ, କି ପୁନିଅ ପରବରେ ନୂଆ ଜାମା, ଶିବାନୀ ସହ ମୋ ପାଇଁ ବି ଖୁଡ଼ୀ ଓ କାକା ସବୁକିଛି ଏକାପରି କରିଥାନ୍ତି। ଖାଲି ଏତିକି ନୁହେଁ ଏବେ ବି ମୁଁ ଘରକୁ ଗଲେ ଖୁଡ଼ୀଙ୍କର ଗୋଟିଏ ପାଖରେ ଶିବାନୀ ଓ ଅନ୍ୟପାଖରେ ମୁଁ ଶୁଏ।

ଭଗବାନ ବୋଧେ ଭଲ ଲୋକମାନଙ୍କର ଅଧିକ ପରୀକ୍ଷା ନିଅନ୍ତି । ହଠାତ୍ ଶିବାନୀ ବାପାଙ୍କର ଗୋଟିଏ ହାତ ଅଚଳ ହେଲା । ମୋ ବାପା ଯିଏ ମା'ର ମୃତ୍ୟୁପରେ କେମିତି ଗୋଟେ ଗୁମ୍‌ସୁମ୍ ହୋଇଯାଇଥିଲେ । ଏମିତି ଏକ ଆକସ୍ମିକ ବିପଦରେ ପରିବାରର ମୁରବୀ ପାଲଟିଗଲେ । କାକାଙ୍କୁ କେତେ କୁଆଡ଼େ ଦେଖାଇ ଶେଷରେ ଭଲକଲେ । ମୁଁ କେବେ ଗାଁକୁ ଯାଏ ବାପା, କାକାଙ୍କୁ ଏକାଠି ବିଲରେ କାମ କରୁଥିବା ଦେଖି ମନଟା ଅଜଣା ଆନନ୍ଦରେ ଭରିଯାଏ । ଆମେ ଦୁଇ ସାଙ୍ଗ ପୋଖରୀ ପାହଚରେ ତଳକୁ ଗୋଡ଼ ଲମ୍ବାଇ ବସି ପାଣିରେ ଖେଳି ଖେଳି କେତେ ଗପର ଖିଅ ଯୋଡୁ । କଥା ହେଉ ଭଲପାଇବା, ସ୍ନେହ, ଆଦର, ଦେବାର ଆନନ୍ଦର କଥା ।

ସେଇ କଥା ଭିତରେ ପଶିଆସେ ମୋ ସାମନ୍ତ ସାର୍‌ଙ୍କ କଥା । ଯିଏ ଦେବାର ଆନନ୍ଦକୁ ଜୀବନର ମୂଳମନ୍ତ୍ର କରିଛନ୍ତି । ତ୍ୟାଗର ସୌଧ ଉପରେ ଠିଆ ହୋଇ ସେ ଅଧିକାରୀ ହୋଇଛନ୍ତି ଅଜସ୍ର ସମ୍ମାନ ଓ ଭଲପାଇବାର । ଏମିତି କେତେଜଣ ଦେବଅଂଶୀ ବ୍ୟକ୍ତିତ୍ୱଙ୍କ ପାଇଁ ହିଁ ଏ ସଂସାର ଆତଯାତ ହେଉଛି । ଯିଏ ପର ଆପଣା ଭେଦକୁ ଭୁଲି ଭଲ ପାଇବାର ଅଛିଣ୍ଡା ସୂତାରେ ଆମକୁ ଗୁନ୍ଥି ଗଢ଼ିଛନ୍ତି 'କିସ୍' ପରି ବଶ୍ୱକୁ ସୁଗନ୍ଧିତ କରୁଥିବା ଏକ ଅନନ୍ୟ ଅଦ୍ଭୁତ ମାଳା ।

ସତରେ ସ୍ନେହ, ଶ୍ରଦ୍ଧା, ସମର୍ପଣର ଭିତ୍ତି ଉପରେ ଗଢ଼ିଉଠିଥିବା ସମ୍ପର୍କ ସୌଧ ଖୁବ୍ ଦୃଢ ଓ ସୁନ୍ଦର । ସେ ସମ୍ପର୍କ କେବେ ପାରିବାରିକ ତ କେବେ ବନ୍ଧୁ, ସଖା, ପଡ଼ୋଶୀ, ସହପାଠୀ ସହୃଦର । ଯେଉଁଠି ନିଃସ୍ୱାର୍ଥପର ଭାବରେ ଦେବାର ଅନ୍ତଃସଳିଳା ସରସ୍ୱତୀ ପ୍ରବାହିତ ।



# ସ୍ନେହ-ମମତାର ଭାବ ବନ୍ଧନ

ଅମିତ୍ ସିଂ

'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର', 'ଯା'ର ପ୍ରାପ୍ତି ଯୋଗୁଁ ଦେବତା ନର' କବିଙ୍କର ଉକ୍ତ ପଙ୍‌କ୍ତିଟି ମନୁଷ୍ୟ ସମାଜ ପାଇଁ ଶତ ପ୍ରତିଶତ ପ୍ରଯୁଜ୍ୟ। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସ୍ନେହ ଓ ମମତାର ରଜ୍ଜୁରେ ସେ ବନ୍ଧା। ଏହା କେବଳ ସମାଜରେ ସମ୍ଭବ ହୋଇଥାଏ। ସମାଜରେ ପରିବାର ଲୋକଙ୍କ ସହ ପ୍ରେମ ପ୍ରୀତିରେ ଏକାଠି ଗୁନ୍ଥା ହୋଇ ବସବାସ କରିଥାଏ। ଜୀବନର ନାନା ସମସ୍ୟାକୁ ସାମନା କରିବା ପାଇଁ ତ ଗୋଷ୍ଠୀ ଜୀବନ। ଏକାଠି ହୋଇ ରହିବାଟା ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି ହୋଇଯାଇଛି। ପରସ୍ପର ପ୍ରତି ସହନୁଭୂତିଶୀଳ ହୋଇ ସ୍ନେହ-ମମତା ଦ୍ୱାରା ଏକାକାର ହୋଇ ଯିବାହିଁ ଯଥାର୍ଥ ଭାବ ବନ୍ଧନ। ଏହା ମାଧ୍ୟମରେ ହିଁ ଜୀବନ ମଧୁମୟ ଓ କୁସୁମିତ ହୋଇ ଉଠେ।

ସଂସାର ମଧ୍ୟରେ ସୁଖ-ଶାନ୍ତିରେ ଟିକେ ରହିବାକୁ ହେଲେ ଭାବର ଆଦାନ ପ୍ରଦାନ ନିହାତି ଦରକାର। ପରସ୍ପରର ସୁଖ-ଦୁଃଖରେ ଭାଗୀଦାର ହୋଇ ଅନ୍ୟର ବେଦନାକୁ ଅନୁଭବ କରିପାରିଲେ, ସେଠାରେ ସ୍ୱର୍ଗୀୟ ସୁଖ ସମୃଦ୍ଧ ବିରାଜମାନ କରିଛି ବୋଲି ଭାବିବାକୁ ହେବ। କାରଣ ଈଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ଏକ ବିବେକୀ ଓ ବିଚାରବନ୍ତ ପ୍ରାଣୀ। ନିଜେ ଖୁସିରେ ରହି ଅନ୍ୟକୁ ଖୁସିରେ ରଖିବା ନିମିତ୍ତ ସର୍ବଦା ପ୍ରୟାସୀ ହେବା ଆବଶ୍ୟକ। ସେଥିପାଇଁ ଇଂରାଜୀରେ କୁହାଯାଇଛି -'Live and Let Live' ନିଜେ ଭଲରେ ରୁହ, ଅନ୍ୟମାନେ ଭଲରେ ରହିବା ପାଇଁ ଦିଅ। ରାକ୍ଷସମାନେ ଅନ୍ୟର ଚକ୍ଷୁରେ ଲୁହ ଭରି ଆନନ୍ଦିତ ହୋଇଥାନ୍ତି। ମାତ୍ର ଦେବତାଗଣ ଅନ୍ୟର ଲୁହପୋଛି ଆନନ୍ଦ ଭରି ଦେଇଥାନ୍ତି। ସେଥିପାଇଁ ଈଶ୍ୱର ତାଙ୍କ ସୃଷ୍ଟିରେ ଅନେକ ଦେବତୁଲ୍ୟ ଲୋକଙ୍କୁ ଜନ୍ମ ଦେଇଥାନ୍ତି। ଅନ୍ୟର ଦୁଃଖ ମୋଚନ କରି ସେମାନଙ୍କ ଜୀବନରେ ହସ-ଖୁସି ଭରିଦେବା ପାଇଁ, ନିଜ ଜୀବନର ଭଲ-ମନ୍ଦକୁ ପଛରେ ପକାଇ ଜନହିତ କର କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି ଦେବାପାଇଁ ଏମାନେ ହେଲେ 'ନର ଦେହେ ଦେବାବତରଣ'। ଏହିଭଳି ଜଣେ ଦେବତାମାନଙ୍କ କଥା କହିଲେ ମୋ ନଜରକୁ ଆସନ୍ତି ଆମ ପ୍ରିୟ ସାମନ୍ତ ସାର୍। ଜଣେ ସମାଜସେବୀ, ଶିକ୍ଷାବିତ୍ ଓ ମାନବ ବାଦର ଯଶସ୍ୱୀ ବ୍ୟକ୍ତି ଭାବେ ସମଗ୍ର ବିଶ୍ୱରେ ସେ ସୁପରିଚିତ। ତାଙ୍କ ସେବା ଓ ସମର୍ପଣର ତୁଳନା ନାହିଁ। 'Art of Giving' ବା 'ଦେବାର କଳା'। ଅନ୍ୟ ମନରେ ଖୁସି ଭରି ଦେବାପାଇଁ ଏହା ଏକ ସ୍ୱର୍ଗୀୟ ଚେତନା। ଚଳିତ ବର୍ଷ ନିଜ ପଡ଼ୋଶୀଙ୍କ ସହିତ ଉତ୍ତମ ସହାବସ୍ଥାନ ମାଧ୍ୟମରେ ମର୍ତ୍ତ୍ୟ ପୁରରେ ସ୍ୱର୍ଗୀୟ ପ୍ରେମଧାରା ପ୍ଲାବନ ନିମିତ୍ତ ଏହାଥିଲା ଏକ ଅନନ୍ୟ ଉଦ୍ୟମ। ଏହା ମଧ୍ୟମରେ ଆମେ ଆମ ପଡ଼ୋଶୀକୁ ଆତ୍ମୀୟତାର ଡୋରିରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥାଉ।

ହଁ, ମୂଳରୁ କହିରଖେ। ଜଣେ ଉତ୍ତମ ପଡ଼ୋଶୀ ହେଉଛନ୍ତି ଈଶ୍ୱରଙ୍କ ବରଦାନ। ମୁଁ ଯେଉଁ ମହାନ୍ ବ୍ୟକ୍ତିଙ୍କ କଥା କହିଲି ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'କିସ୍' ବିଦ୍ୟାଳୟର ମୁଁ ଜଣେ ଛାତ୍ର। ଆମ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ଡ଼କ୍ଟର ସାମନ୍ତ ସାର ସାକ୍ଷାତ ଦେବତା ସଦୃଶ। ସେ ଯଦି 'କିସ୍' ଭଳି ଶିକ୍ଷାନୁଷ୍ଠାନ ଗଢିନଥାନ୍ତେ, ଆମ ଅବସ୍ଥା କ'ଣ ହୋଇଥାନ୍ତା, ତାହା ଭାବି ହେଉନାହିଁ। ଏବେ ମୁଁ କହିବି ଉତ୍ତମ ପଡ଼ୋଶୀଙ୍କ ଆତ୍ମୀୟତା। ମୋ ଘର ହେଉଛି ସୁନ୍ଦର ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମୟୂରଭଞ୍ଜ ଜିଲ୍ଲାର ସାନ୍‌ସାଦମ। ଆମ ଗାଁ ର ଅଧିକାଂଶ ଲୋକ ଶିକ୍ଷା କ'ଣ ଜାଣିନାହାନ୍ତି। ହେଲେ ଆମ ପଡ଼ିଶା ଘର ରାମଚନ୍ଦ୍ର ମଉସାଙ୍କ ବଡ଼ପୁଅ ଭୁବନେଶ୍ୱରରେ ଚାକିରୀ କରନ୍ତି। ଦିନେ ହଠାତ୍ କଥା ପ୍ରସଙ୍ଗରେ ମୋ ବାପାଙ୍କୁ କହିଲେ କି ପୁଅକୁ କାହିଁକି ଅଧିକ ପଢାଇଲନି। ବାପା କହିଲେ ମୋ ପାଖରେ ପଇସା ନାହିଁ। ସେ ତୃତୀୟ ଶ୍ରେଣୀଯାଏଁ ପଢିଲା। ଆଉ ମୁଁ ପାରିବି ନାହିଁ। ଏକଥା ଶୁଣି ସେ 'କିସ୍' ବିଷୟରେ ବାପାଙ୍କୁ କହିଲେ। ତା'ପରେ ରାମ ମଉସାଙ୍କ ପୁଅ ହାତରୁ ପଇସା ଖର୍ଚ୍ଚ କରି ସାଙ୍ଗରେ ଧରି ଆସି ଭୁବନେଶ୍ୱର ପହଞ୍ଚି 'କିସ୍'ରେ ନାମ ଲେଖାଇଲେ। ମୁଁ ଏବେ ଦଶମ ଶ୍ରେଣୀର ଛାତ୍ର। ରାମ ମଉସାଙ୍କ ଭଳି ପଡ଼ୋଶୀ ନଥିଲେ ମୁଁ ଉପଯୁକ୍ତ ଶିକ୍ଷା ପାଇପାରି ନଥାନ୍ତି। ତେଣୁ ମୁଁ ମୋ ବ୍ୟକ୍ତିଗତ ଜୀବନରେ ଜଣେ ପଡ଼ୋଶୀଙ୍କ ସହଯୋଗ କିପରି ମୋ ଭାଗ୍ୟକୁ ବଦଳାଇଦେଲା ଏଥିରୁ ତାହା ଜଣାପଡ଼େ।

ମୋର ବାପା ଜଣେ ସାଧାରଣ ଦିନ ମଜୁରିଆ। ମୋତେ ଓ ମୋର ପରିବାର ଲୋକଙ୍କୁ ଖୁସିରେ ରଖିବାକୁ ଚେଷ୍ଟାକରି ଆସିଛନ୍ତି, ହେଲେ ଅନେକ ସମୟରେ ଆମ ପଡ଼ିଶାଘର ରାମ ମଉସା ସୁଖ-ଦୁଃଖରେ ଆମ ନିକଟରେ ଛିଡ଼ା ହୋଇଥାନ୍ତି। ମନେପଡ଼େ କିଛି ବର୍ଷ ତଳର କଥା। ଆମର ପର୍ବ ଚାଲିଥାଏ। ମୁଁ ଘରେ ଥାଏ। ଭଲ ଡ୍ରେସଟି ପାଇଁ ବାପାଙ୍କ ନିକଟରେ ଅଳି କଲି, ହେଲେ ପଇସା ଅଭାବରୁ ବାପା ଡ୍ରେସ ଦେଇପାରିଲେ ନାହିଁ। ଏକଥା ରାମ ମଉସାଙ୍କ କାନରେ ପଡ଼ିଲା। ସେ ତୁରନ୍ତ ମୋ ପାଇଁ ଏକ ଦାମୀ ପୋଷାକ ଆଣିଦେଲେ।

କଥାଟି ଏହି ପୋଷାକ ଦିଆରେ ଅଟକି ଯାଇନି। ପର୍ବପର୍ବାଣୀରେ ସେ ପିଠା ପଣା ଆମ ଘରକୁ ଦିଅନ୍ତି। ଏମିତି ଦିନେ ରାମ ମଉସାଙ୍କ ଦେହ ଖରାପ ହେଲା, ତାଙ୍କ ଘର ଲୋକ ପାଖରେ ନଥିଲେ। ମୋର ବାପା ତାଙ୍କୁ ତୁରନ୍ତ ଡ଼ାକ୍ତର ଖାନାକୁ ନେଇଗଲେ। ମଉସାଙ୍କ ଚିକିତ୍ସା ହେବାପରେ ସୁସ୍ଥ ହୋଇ ଘରକୁ ଫେରିଲେ। ଭଲ ମନ୍ଦ କାମ କାର୍ଯ୍ୟରେ ଆମ ଉଭୟ ପରିବାର ମିଳିମିଶି କାର୍ଯ୍ୟ ଉଠାଉଥାଉ। ବିପଦ ଆପଦ ସବୁଥିରେ ଏକ ପରିବାର ଭଳି ଚଳି ଆସୁଛୁ। ତେଲ ଲୁଣ ସଂସାର ମଧ୍ୟରେ ସ୍ଥିତି ସର୍ବଦା ସମାନ ନଥାଏ। ତେଣୁ ଆମେ ଅନ୍ୟକୁ ସାହାଯ୍ୟ କଲେ ଠାକୁର ଖୁସି ହୁଅନ୍ତି। ତେଣୁ କଥାରେ ଅଛି 'ଦେଇ ଥିଲେ ପାଇ, ବୁଣି ଥିଲେ ଦାୟୀ'। ତେଣୁ ଆସନ୍ତୁ ପଡ଼ିଶା ଘର ଲୋକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ଆଗେଇ ଆସିବା। ଏହି ଭଳି ମହାନ ଚିନ୍ତାଧାରାକୁ ପାଥେୟ କରି ସୁସ୍ଥ ସମାଜ ପାଇଁ ଆହ୍ୱାନ ଦେଇଥିବା ଆମର ପ୍ରିୟ ସାମନ୍ତ ସାର୍‌ଙ୍କୁ ହୃଦୟରୁ କୃତଜ୍ଞତା ଜଣାଇବା। ଆସନ୍ତୁ ମିଳିତ କଣ୍ଠରେ ଗାଇବା।

'ହୋଇବି ନିସ୍ୱ, ସେବିବି ବିଶ୍ୱ

ସମାଜ ମୋତେ କରିଛି ବଡ଼।

ସୁଝିବି ଋଣ ନ ହୋଇ ବଡ଼।'

ମୋର ପ୍ରିୟ ପଡ଼ୋଶୀଙ୍କୁ ଧନ୍ୟବାଦ୍। ଧନ୍ୟ ମୋର 'କିସ୍' ବିଦ୍ୟାଳୟ। ଯାହାପାଇଁ ଆଜି ମୁଁ ବଡ଼ ମଣିଷ।



# ପଡ଼ୋଶୀଙ୍କ ସହ ଉଦାର ହେବା ଆବଶ୍ୟକ

**ତାପସ କୁମାର ପାତ୍ର**

ପଡ଼ୋଶୀ ଶବ୍ଦକୁ ବ୍ୟାପକ ଅର୍ଥରେ ବୁଝାଇବାକୁ ଗଲେ ନିଜ ପରିବାରକୁ ଛାଡ଼ିଦେଲେ ଗ୍ରାମରେ ବାକି ଯେତେ ଲୋକ ବାସ କରନ୍ତି, ପ୍ରତ୍ୟେକ ଅପରର ପଡ଼ୋଶୀ ବୋଲି ବୁଝିବାକୁ ହେବ। ଆହୁରି ବ୍ୟାପକ ଅର୍ଥରେ ରାଜ୍ୟର ପ୍ରତ୍ୟେକେ ଅପରର ପଡ଼ୋଶୀ। ତା ପରେ କୁହାଯିବ ସମଗ୍ର ବିଶ୍ୱର ଜନ ଅପରର ପଡ଼ୋଶୀ। ସମସ୍ତେ ମୋର ଆଉ ମୁଁ ସମସ୍ତଙ୍କର ଏହି ଭାବ ମନରେ ଜାଗ୍ରତ ହେଲେ ସମଗ୍ର ଜଗତ ପଡ଼ୋଶୀ ପରି ପ୍ରତୀୟମାନ ହେବେ। ଏହା ହେଉଛି ବସୁଧୈବ କୁଟୁମ୍ବକମ୍‌ର ଭାବ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସମାଜ ବ୍ୟତୀତ ମନୁଷ୍ୟର ବଞ୍ଚିରହିବା ଅସମ୍ଭବ। ସମାଜକୁ ଛାଡ଼ି ମନୁଷ୍ୟ କେବେ କଣ ବଞ୍ଚି ରହିପାରିଛି ? ଇତିହାସ ବା ପ୍ରାଗୈତିହାସିକ ଯୁଗରେ ତାହାର କୌଣସି ଦୃଷ୍ଟାନ୍ତ ନାହିଁ। ଅରଣ୍ୟ ମଧ୍ୟରେ ସଂସାର ତ୍ୟାଗୀ ସନ୍ନ୍ୟାସୀମାନଙ୍କର ମଧ୍ୟ ସମାଜ ଥିଲା ଓ ରହିଅଛି; ତେଣୁ ସମାଜ ସହିତ ବ୍ୟକ୍ତି ଅବିଚ୍ଛିନ୍ନ ଭାବରେ ଜଡ଼ିତ। ସେହି ସମାଜ ପ୍ରତି ବ୍ୟକ୍ତିର କର୍ତ୍ତବ୍ୟ ଚିନ୍ତା କରିବା ପ୍ରତ୍ୟେକ ମାନବର ପରମ କର୍ତ୍ତବ୍ୟ ଅଟେ। ଏହି ସମାଜ ମଧ୍ୟରେ ପଡ଼ୋଶୀମାନଙ୍କର ଘର ହୋଇଥାଏ। ସେମାନେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ନେଇଁ ବଞ୍ଚି ରହିଲେ ଜୀବନ ସୁନ୍ଦର ହୋଇଥାଏ।

ମୁଁ ତାପସ କୁମାର ପାତ୍ର, ଦଶମ ଶ୍ରେଣୀ ଛାତ୍ର ଅଟେ। ମୋର ଘର କନ୍ଧମାଳ ଜିଲ୍ଲାରେ ଅବସ୍ଥିତ। ଆମ ଗ୍ରାମରେ ଥିବା ସମସ୍ତ ଘରର ସଦସ୍ୟମାନଙ୍କୁ ଆମର ସାହିପଡ଼ିଶା ବା ପଡ଼ାପଡ଼ୋଶୀ କୁହାଯାଏ। କିନ୍ତୁ ଆମର ଅନ୍ତରଙ୍ଗ ପଡ଼ୋଶୀ ହେଉଛି ଆମ ଗୃହର ଉଭୟ ପାର୍ଶ୍ୱକୁ ଲାଗି ରହିଥିବା ଅନ୍ୟ ଦୁଇଟି ଗୃହର ସଦସ୍ୟବୃନ୍ଦ। ଏହି ଦୁଇ ପରିବାରର ଆମ ପ୍ରତି ଥିବା ସ୍ନେହ ଶ୍ରଦ୍ଧା ଆମେ ଅନୁଭବ କରିଥାଉ। ଯେକୌଣସି ଭଲ ମନ୍ଦରେ ସେମାନେ ଆମ ସୁଖରେ ସୁଖୀ ଓ ଆମ ଦୁଃଖରେ ଦୁଃଖୀ ହୋଇ ଆମକୁ ଉଚିତ ମାର୍ଗଦର୍ଶନ କରାଇଥାନ୍ତି। ସେମାନେ ସର୍ବଦା ଆମ ମଙ୍ଗଳ କାମନା କରିଥାନ୍ତି। ଆମର ସର୍ବଦା ସେମାନଙ୍କ ସହିତ ଉତ୍ତମ ସମ୍ପର୍କ ରହିଥାଏ। ଅବସର ସମୟରେ ସେମାନେ ଆମ ଘରକୁ ଆସି ଓ ଆମେ ସେମାନଙ୍କ ଘରକୁ ଯାଇ ସମୟ ଅତିବାହିତ କରିଥାଉ। ଏ ପ୍ରକାର ଚଳପ୍ରଚଳରେ ସେମାନଙ୍କର ଆମ ପରିବାର ପ୍ରତି ବା ଆମର ସେମାନଙ୍କର ପରିବାର ପ୍ରତି କୌଣସି ଲଜ୍ଜା, ସଂକୋଚ ବା ଦ୍ୱିଧା ଭାବ ନଥାଏ।

ଦିନେ ମୁଁ ଓ ମୋ ମାଆ ଆମ ଗାଁ ହାଟକୁ ପରିବା ନେଇ ବିକିବାକୁ ଯାଇଥିଲୁ। ସେହି ହାଟରେ ଅନ୍ୟ ଦିନ ଅପେକ୍ଷା ଲୋକସଂଖ୍ୟା ଟିକେ ଅଧିକ ହୋଇଥିଲେ। ମୋ ମାଆ ସପ୍ତାହର ଗୋଟିଏ ଦିନ ଘରୁ ବାଡ଼ିର ପରିବା ହାଟକୁ ବିକ୍ରି କରିବାକୁ ନେଇଥାନ୍ତି। ମୋ

ମାଆଙ୍କ ସହିତ ଆମ ଘରପାଖ ପଡ଼ିଶା ଲିପୁନ୍‌ର ମାଆ ମଧ୍ୟ ହାଟକୁ ପରିବା ନେଇ ବିକ୍ରୟ କରିବାକୁ ଯାଇଥାନ୍ତି। ମୁଁ ଓ ଲିପୁନ ପିଲାବେଳର ସାଙ୍ଗ। ଆମେ ଦୁହେଁ ପିଲା ବେଳୁ ଏକାଠି ବଢ଼ିଛୁ। ତାଙ୍କ ପରିବାର ସହିତ ଆମ ପରିବାରର ସମ୍ପର୍କ ଅତି ସୁଦୃଢ଼ ଅଟେ। ଦିନେ ମୋ ମାଆ ଓ ଲିପୁନ୍‌ର ମାଆ ମିଶି ଆମ ଦୁଇଜଣଙ୍କର ଭବିଷ୍ୟତ ବିଷୟରେ କଥା ହେଉଥିଲେ। ସେମାନେ ଆମ ଗ୍ରାମର ଜଣେ ଉଚ୍ଚଶିକ୍ଷିତ ପିଲାଠାରୁ ଭୁବନେଶ୍ୱର କିସ୍ ବିଷୟରେ ଜାଣିବାକୁ ପାଇଲେ। ଆମ ପରିବାର ଓ ଲିପୁନ୍‌ର ପରିବାର ବହୁତ ଗରିବ ଅଟୁ। ମୋ ମାଆ ଓ ଲିପୁନ୍‌ର ମାଆ ବହୁ କଷ୍ଟରେ ପରିବାର ଚଳାଇଥାନ୍ତି। ଆମ ଦୁଇଜଣଙ୍କର ପାଠପଢ଼ା ଖର୍ଚ୍ଚକୁ ସେମାନେ ଭରଣା କରିବାର ଦୃଢ଼ତା ସେମାନଙ୍କ ପାଖରେ ନଥିଲା। ତେଣୁ ସେମାନେ ଦୁହେଁ ଭୁବନେଶ୍ୱର କିସ୍‌ରେ ଆମ ଦୁଇଜଣଙ୍କୁ ପାଠ ପଢ଼ାଇବାକୁ ସ୍ଥିର କଲେ, ଯାହାଫଳରେ ଆମେ ଦୁହେଁ ଅଚ୍ୟୁତ ସାମନ୍ତ ସାରଙ୍କ କିସ୍ ଅନୁଷ୍ଠାନରେ ପାଠ ପଢ଼ିବାର ସୁଯୋଗ ପାଇଲୁ। ଏହା କେବଳ ସମ୍ଭବ ହୋଇପାରିଲା ଆମ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଥିବା ଭଲପାଇବା ଓ ନିଜ ଭିତରେ ଥିବା ବିଶ୍ୱାସ ପାଇଁ।

ମୁଁ ଓ ମୋ ସାଙ୍ଗ ଏବେ କିସ୍ ବିଦ୍ୟାଳୟରେ ପାଠ ପଢୁଛୁ। କିସ୍ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସାର୍ ଜଣେ ଦେବତୁଲ୍ୟ ମଣିଷ ଅଟନ୍ତି। ପାଠପଢା ବ୍ୟତୀତ ସାମନ୍ତ ସାର ଆମ ପାଇଁ ରହିବା, ଖାଇବା, ଖେଳିବା, ଚିକିତ୍ସାର ସୁବିଧା କରିପାରିଛନ୍ତି। ସାମନ୍ତ ସାର୍ କିସ୍ ଅନୁଷ୍ଠାନକୁ ଏକ ପରିବାର ପରି ଗଢ଼ି ତୋଳିଛନ୍ତି। ଯେମିତି ସମସ୍ତ ପରିବାର ନିକଟରେ କିଛି ପଡ଼ୋଶୀ ଘର ରହିଥାଏ, ସେହିପରି କିସ୍ ପରିବାର ନିକଟରେ ଥିବା ସମାଜକୁ ଆମ ସାମନ୍ତ ସାର ପଡ଼ୋଶୀ ପରିବାର ବୋଲି ମନରେ ଭାବିନେଇଛନ୍ତି। ସେ ସମାଜର ପ୍ରତ୍ୟେକ ଲୋକଙ୍କୁ ନିଜର ହୃଦୟରେ ପଡ଼ିଶାର ବ୍ୟକ୍ତି ଭାବରେ ସ୍ଥାନ ଦେଇଛନ୍ତି। ସେ ଆମକୁ ଶିଖାଇଛନ୍ତି ଯେ, କେବଳ ମନୁଷ୍ୟର ପରିବାର ନିକଟରେ ବାସ କରୁଥିବା ବ୍ୟକ୍ତି ହିଁ ଆମର ପଡ଼ିଶା ନୁହେଁ, ଏହାଠାରୁ ଆହୁରି ବ୍ୟାପକ ଅର୍ଥରେ ସାରା ପୃଥିବୀର ସମସ୍ତ ଦେଶ ଆମର ପଡ଼ୋଶୀ ହୋଇପାରିବେ। ଭଗବାନଙ୍କ ସୃଷ୍ଟିରେ ଆମେ ମନୁଷ୍ୟ ଏକ ଶ୍ରେଷ୍ଠ ପ୍ରାଣୀ ହିସାବରେ ଏହି ପୃଥିବୀରେ ଜନ୍ମ ଲାଭ କରିଛେ। ଆମର ଜନ୍ମ ଲାଭ କରିବାର ଅଭିପ୍ରାୟ ଏହା ହୋଇପାରେ କି ଆମେ ମନୁଷ୍ୟ ଜାତି ପରସ୍ପରର ସୁଖ ସୁବିଧାରେ ସବୁବେଳେ ବ୍ରତୀ ହେବା ଆବଶ୍ୟକ। ସାମନ୍ତ ସାର୍ ତାଙ୍କ ଜୀବନରେ ସେବା ଆଚରଣକୁ ଗ୍ରହଣ କରିଛନ୍ତି। ମନୁଷ୍ୟ ସେତେବେଳେ ମହାନ ହୋଇଥାଏ, ଯେତେବେଳେ ତାର ଆଚରଣରେ ସେବା ମନୋଭାବ ଉଦ୍ରେକ କରିଥାଏ। ଆମେ ଆମର ପଡ଼ୋଶୀଙ୍କ ସହ ସବୁବେଳେ ଉଦାର ହେବା ଆବଶ୍ୟକ। ଆମେ ଯଦି ଆମ ପଡ଼ୋଶୀଙ୍କ ସହ ଉଦାର ହେବା ତାହା ହେଲେ ଆମ ପଡ଼ୋଶୀ ବି ଆମମାନଙ୍କ ସହ ଉଦାର ହେବେ। ଏହି କଥା ଆମ ସାମନ୍ତ ସାର ଆମକୁ ସବୁବେଳେ ଶିଖାଇ ଆସିଛନ୍ତି। ଜୀବନରେ ସବୁବେଳେ ଆମ ପାଖରେ ଥିବା ବ୍ୟକ୍ତି ସହ ଉଦାର ହେବା ଆବଶ୍ୟକ ଏହି ଭାବ ରହିଲେ ଆମେ ଆମ ପଡ଼ୋଶୀଙ୍କ ସହ ସହୃଦୟତା ଭାବ ସ୍ଥାପନ କରିପାରିବା। ପରିବାରରୁ ସମାଜ, ସମାଜରୁ ଅଞ୍ଚଳ, ଅଞ୍ଚଳରୁ ଦେଶ ଓ ଦେଶରୁ ପୃଥିବୀ ମଧ୍ୟରେ ସମ୍ପର୍କ ରଖିବାକୁ ହେଲେ ଆମକୁ ପ୍ରଥମେ ଭଲ ପଡ଼ୋଶୀ ହେବାକୁ ପଡ଼ିବ। ଏହି ଧାରାରେ ଆମ ସାମନ୍ତ ସାର୍ ନିଜକୁ ଚଳାଇ ପାରିଥିବାରୁ ଆଜି ସେ ସାରା ପୃଥିବୀରେ ନିଜର ନାମ କରାଇପାରିଛନ୍ତି। ଏହି କଥାଗୁଡ଼ିକୁ ମୁଁ ମୋ ମନରେ ରଖି ମୋର ପଡ଼ୋଶୀମାନଙ୍କ ସହିତ ସୁସମ୍ପର୍କ ରକ୍ଷାକରିବାକୁ ଉଦ୍ୟମ କରୁଛି। ଆଜିର ସ୍ୱାର୍ଥପର ସମାଜରେ ଏହି ଉଦାର ଭାବକୁ ମନରେ ଆଣି ନିଜକୁ ପ୍ରତିଷ୍ଠିତ କରାଇ ପାରିଲେ ମୁଁ ନିଜକୁ ଗର୍ବିତ ମନେ କରିବି। ଏହା ବ୍ୟତୀତ ମୁଁ ମୋର ସାଙ୍ଗସାଥିମାନଙ୍କୁ କିପରି ଜଣେ ଭଲ ପଡ଼ିଶା ହୋଇପାରିବ, ସେ ବିଷୟରେ ସେମାନଙ୍କୁ ଜଣାଇବି। ମୋର ପାଠପଢ଼ା ବ୍ୟତୀତ ସମାଜର କିପରି ମଙ୍ଗଳ ହୋଇପାରିବ, ତାହା ମଧ୍ୟ ମୁଁ ମୋର ମନରେ ଏକ ଦୃଢ ସଙ୍କଳ୍ପ ତିଆରି କରିଛି। ସାମନ୍ତ ସାର୍‌ଙ୍କ ନୀତି ଆଦର୍ଶରେ ନିଜକୁ ମୁଁ ଗଢ଼ିପାରିଲେ, ମୁଁ ସମସ୍ତଙ୍କ ଆଗରେ ଏକ ସୁନାଗରିକର ପ୍ରମାଣପତ୍ର ପାଇପାରିବ।

ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଦ୍ୱାରା ମଣିଷ ମଣିଷର ନିକଟତର ହୋଇଥାଏ। ପଡ଼ୋଶୀ ହେଉ ବା ଅନ୍ୟ ଯେ କେହି ହେଉ, ପ୍ରଥମେ ନିଜେ ବଦଳି ପାରିଲେ ପାରିପାର୍ଶ୍ୱିକ ପରିସ୍ଥିତି ବି ବଦଳିଯାଇ ଜୀବନ ସତ୍ୟ, ଶିବ, ସୁନ୍ଦର ଆଡ଼କୁ ପ୍ରଧାବିତ ହୁଏ। ଜଗତରେ ସ୍ନେହ ମମତା ବାଣ୍ଟିବା ପାଇଁ ଭଗବାନ ମଣିଷକୁ ଜନ୍ମ ଦେଇଛି। କିନ୍ତୁ ମଣିଷ ଅସୂୟା ବାଣ୍ଟିବା ଫଳରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଏତେ କନ୍ଦଳ ଲାଗିରହି ପୃଥିବୀ ଏକ ଅଶାନ୍ତ ଗ୍ରହରେ ପରିଣତ ହେଲାଣି। ମଣିଷ ମନର ଅହଙ୍କାର ତାକୁ ଏ ସତ୍ୟ ବୁଝାଇ ଦେବାକୁ ପ୍ରସ୍ତୁତ ନୁହେଁ।



# ଅନ୍ୟ ଜୀବନରେ ହସ ଆଣିପାରିଲେ ଜୀବନ ସଫଳ ହୁଏ

**ଜ୍ୟୋତି ବିରୁଆ**

ଜୀବନ ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାରେ ମଣିଷ ଅନେକ ଲୋକଙ୍କ ସହ ମିଶିଥାଏ, କେହି ଆସନ୍ତି, କେହି ଯାଆନ୍ତି। କିନ୍ତୁ କେହି ଜଣେ ଲୋକ ଏମିତି ଥାନ୍ତି ଯେ, ତାଙ୍କର ମନୋଭାବ ଓ କାର୍ଯ୍ୟ ଆମ ଜୀବନରେ ଛାପ ଛାଡ଼ିଯାଏ। ସେମାନଙ୍କ ମଧ୍ୟରେ ମୋ ପଡ଼ୋଶୀ ଜଣେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେ ମୋତେ ଶିଖାଇଛନ୍ତି ‘ଦେବା’ ହେଉଛି ଜୀବନର ସବୁଠାରୁ ମହାନ କଳା। ‘ଦେବା’ଶବ୍ଦଟି ଶୁଣିଲେ ଆମେ ଅନେକ ସମୟ ଧନ ବା ଦାନ ବିଚାର କରିଥାଉ। କିନ୍ତୁ ଦେବାର ଅସଲ ଅର୍ଥ ହେଉଛି ମନ ଭରି ଭଲ ପାଇବା, ସମୟ ଦେବା, ଆଶା ଦେବା, ସାନ୍ତ୍ୱନା ଦେବା ଏବଂ ଅନ୍ୟଙ୍କ ଦୁଃଖରେ ଭାଗୀ ହେବା। ଯେଉଁ ମଣିଷ ଏହି ମନୋଭାବ ଧାରଣ କରେ, ସେ ମଣିଷ ସତ୍ୟ ଅର୍ଥରେ ଧନୀ ଓ ମହାନ।

ମୋ ପଡ଼ୋଶୀ ରାମଚନ୍ଦ୍ର ଶବର। ଗତ ବର୍ଷାକାଳରେ ମୋ ଘର ଛାତ କଣା ହୋଇ ବାହାରୁ ପାଣି ପଶୁଥିଲା। ମୁଁ ଓ ମୋ ପରିବାର ଘରେ ଭୟଭୀତ ଅବସ୍ଥାରେ ଥିଲୁ। ସେ ସମୟରେ ମୋ ପଡ଼ୋଶୀ ମିଶ୍ରଜୀ ଆସି ନିଜ ହତରେ ମୋତେ ସହଯୋଗ କରିଥିଲେ। ସେ ନିଜ ଘରର ଟାରପୋଲିନ ଆଣି ମୋ ଛାତ ଉପରେ ଘୋଡ଼ାଇ ଦେଲେ। ସେ ରାତିରେ ସେ ନିଜେ ଆମ ସହ ରହିଲେ, ଯାହାପରି ସେ ନିଜ ପରିବାର ନୁହେଁ, ଆମର ଜଣେ ସଦସ୍ୟ। ସେ ଦିନେ ମୁଁ ବୁଝିଲି ଦେବାର କଳା- ଅର୍ଥ ହେଉଛି ନିଜ ସ୍ୱାର୍ଥ ଭୁଲି ଅନ୍ୟଙ୍କ ପାଇଁ ଆଗକୁ ଆସିବା।

ଏହି ଘଟଣା ମୋ ମନରେ ଏମିତି ପ୍ରେରଣା ଜନ୍ମାଇଲା ଯେ ମୁଁ ମଧ୍ୟ ଦେବାର ରାସ୍ତା ଧରିଲି। ଏକଥର ରାମଚନ୍ଦ୍ର ଶବର ଝିଅ ଅସୁସ୍ଥ ହେଲେ। ସେ ସମୟରେ ମୁଁ ସେମାନଙ୍କ ସହ ହସ୍ପିଟାଲକୁ ଗଲି, ଔଷଧ ଓ ରକ୍ତ ବ୍ୟବସ୍ଥା କଲି। ସେମାନଙ୍କ ଆଖିରେ ଯେତେ କୃତଜ୍ଞତା ଓ ଭଲପାଇବା ଦେଖିଲି। ସେ ଦୃଶ୍ୟ ମୋ ମନକୁ ଅସୀମ ଶାନ୍ତି ଦେଲା। ମୁଁ ଅନୁଭବ କଲି – ଯେତେବେଳେ ଆମେ ଅନ୍ୟଙ୍କ ଜୀବନରେ ହସ ଆଣିପାରୁ, ସେତେବେଳେ ଆମ ଜୀବନ ସଫଳ ହୁଏ।

ମୋ ପଡ଼ୋଶୀ ମୋ ପାଇଁ ମୋ ଦ୍ୱିତୀୟ ପରିବାର। ମୋ ପଡ଼ୋଶୀ ପ୍ରତି ମୋର ମଧ୍ୟ ନିଃସ୍ୱାର୍ଥପର ଭଲପାଇବା ଓ ସମ୍ମାନ ରହିଛି। ପଡ଼ୋଶୀଙ୍କ ଆନନ୍ଦରେ ମୁଁ ଆନନ୍ଦିତ ହୋଇଛି ଏବଂ ସେମାନଙ୍କ ଅସୁବିଧାରେ ମଧ୍ୟ ମୁଁ ସାହାଯ୍ୟ କରିଛି। ‘ସହଯୋଗ ଓ ସହଭାଗିତା’ ଦ୍ୱାରା ମୁଁ ମୋ ପଡ଼ୋଶୀ ସହ ସମ୍ପର୍କ ମଜବୁତ କରିଛି ଓ ଆତ୍ମ ସନ୍ତୋଷ ଲାଭ କରିଛି।

ମୁଁ ଓ ମୋ ପଡ଼ୋଶୀ ମିଶି ଆମ ପଡ଼ାରେ ଅନେକ ସାମାଜିକ କାର୍ଯ୍ୟ କରୁଛୁ। ଦୁର୍ବଳ ପରିବାରକୁ ସହାୟତା, ବିଦ୍ୟାଳୟର ପିଲାମାନଙ୍କୁ ବହି ଓ ପୋଷାକ ଦେବା, ବୃଦ୍ଧାଶ୍ରମରେ ଯାଇ ସେବା କରିବା ଓ ବୃକ୍ଷ ରୋପଣ ଅଭିଯାନ ଇତ୍ୟାଦି। ଏହି ସବୁ କାମ ଆମକୁ ଆର୍ଥିକ ସୁଖ ନ ଦେଇଥାଏ, କିନ୍ତୁ ଆତ୍ମିକ ସନ୍ତୋଷ ଦିଏ, ଯାହା ଧନରେ କିଣିହେବ ନାହିଁ।

ଦେବାର କଳା ହେଉଛି ମନୁଷ୍ୟତାର ଆଧାର। ଯେଉଁ ସମାଜରେ ଦେବାର ମନୋଭାବ ଥାଏ, ସେ ସମାଜ ଶାନ୍ତ, ସୁଖୀ ଓ ସମୃଦ୍ଧ ହୁଏ। ଏହି ମନୋଭାବ ଅନ୍ୟମାନଙ୍କୁ ଜୀବନ ଶିଖାଇଥାଏ – ମଣିଷ ମଣିଷ ପାଇଁ ନୁହେଁ, ମଣିଷ ସ୍ୱାର୍ଥ ପାଇଁ।

ଆଜିର ଆଧୁନିକ ଯୁଗରେ, ଯେଉଁଠି ମଣିଷ ନିଜ ସୁବିଧା ଓ ସ୍ୱାର୍ଥରେ ବ୍ୟସ୍ତ, ସେଠି ଦେବାର ମନୋଭାବ ଏକ ଅମୂଲ୍ୟ ରତ୍ନ ଭଳି ହୋଇଯାଇଛି। କିନ୍ତୁ ଯଦି ପ୍ରତ୍ୟେକ ଲୋକ ନିଜ ଆଖ ପାଖରେ ଲୋକଙ୍କୁ ସହାୟତା କରିବାର ଏକ ସାଧାରଣ ଚେଷ୍ଟା କରନ୍ତି, ତେବେ ଏହି ପୃଥିବୀ ଅଧିକ ସୁନ୍ଦର, ଶାନ୍ତ ଓ ପ୍ରେମମୟ ହୋଇପାରିବ।

ମୁଁ ଓ ମୋ ପଡ଼ୋଶୀ ଏହି ମନୋଭାବକୁ ନିଜ ଜୀବନର ଅଂଶ କରିଛୁ। ଆମେ ମାନିଛୁ ଯେ ଦେବା ହେଉଛି ନିଜ ଆତ୍ମାକୁ ପବିତ୍ର କରିବାର ଏକ ପଥ। ଯେଉଁ ମଣିଷ ଦେଇପାରେ, ସେ ଅସଲରେ ନିଜେ ଆପେ ଆପେ ଦେବତା ରୂପ ଧାରଣକରେ।

ଦେବାର କଳା ହେଉଛି ଜୀବନର ସତ୍ୟ ସୌନ୍ଦର୍ଯ୍ୟ। ଏହି କଳା ମାଧ୍ୟମରେ ମଣିଷ ନିଜ ଆତ୍ମାକୁ ଉଚ୍ଚ କରେ, ସମାଜକୁ ଶାନ୍ତି ଦିଏ ଓ ଜୀବନକୁ ଅର୍ଥଯୁକ୍ତ କରେ। ମୁଁ ଓ ମୋ ପଡ଼ୋଶୀ ଏହି ମହାନ କଳାର ସାଧକ। ଆମେ ବିଶ୍ୱାସ କରୁ ଯେ ଦେଇ ଆମେ ଅଧିକ ଯାଉ ଆତ୍ମିକ ସନ୍ତୋଷ, ପ୍ରେମ ଓ ମନୁଷ୍ୟତା।

ଦେବା ହେଉଛି ଆତ୍ମାର ଆଲୋକ, ଯାହା ନିଜକୁ ଓ ପାଖାପାଖି ସବୁକୁ ଆଲୋକିତ କରେ। ଏହି ଦେବାର ଆଲୋକ ଯେତେବେଳେ ପ୍ରତ୍ୟେକ ହୃଦୟରେ ଜ୍ୱଳିତ ହେବ, ସେତେବେଳେ ଏହି ପୃଥିବୀ ସତ୍ୟରେ ସ୍ୱର୍ଗ ସମାନ ହୋଇଯିବ।



# ଅସମୟରେ ସାହାଯ୍ୟ କରୁଥିବା ବ୍ୟକ୍ତି ପ୍ରକୃତ ପଡ଼ୋଶୀ

ସସ୍ମିତା ସାନ୍ତା

'ପଡ଼ୋଶୀ' ଶବ୍ଦଟି ସଂସ୍କୃତରୁ ଆସିଛି । ସଂସ୍କୃତରେ ଏହାର ମୂଳ ଶବ୍ଦ ହେଉଛି 'ପ୍ରତିବେଶୀ' ବା 'ପରିବାସୀ'। ଯାହାର ଅର୍ଥ ହେଉଛି ପାଖରେ ବାସ କରୁଥିବା ବ୍ୟକ୍ତି। ଅର୍ଥାତ୍ ଆମ ଜୀବନରେ ଯେଉଁମାନେ ଆମ ଚାରିପାଖରେ ବସୁଥାନ୍ତି, ରହୁଥାନ୍ତି, ସେମାନେ ଆମ ପଡ଼ୋଶୀ । ମଣିଷ ଏକ ସାମାଜିକ ପ୍ରାଣୀ। ମଣିଷ ସମାଜରେ ବଞ୍ଚି, ଆପଣାକୁ ନିଜ ପରି ମନେ କରେ । ଆମ ପରିବାର ପରି ଆମ ପଡ଼ୋଶୀମାନେ ଆମ ଦୈନିକ ଜୀବନରେ ଅଂଶ ଅଟନ୍ତି ।

ଜଣେ ଭଲ ପଡ଼ୋଶୀ ହେଉଛନ୍ତି ସେ, ଯିଏ ଆପଦେ ବିପଦେ ଆମ ସାଥୀ ହୁଅନ୍ତି । ଆମ ଦୁଃଖ ସମୟରେ ସାନ୍ତ୍ୱନା ଦିଅନ୍ତି ଓ ଖୁସି ସମୟରେ ଆନନ୍ଦ ପ୍ରଦାନ କରନ୍ତି। ଭଲ ପଡ଼ୋଶୀ ଥିଲେ ପଡ଼ୋଶୀ ଖୁସିରେ ଭରିଯାଏ। ଏକ ଭଲ ପଡ଼ୋଶୀ ସଦା ସହ ଯୋଗୀ, ଶିଷ୍ଟ ଓ ଦୟାଳୁ ହୁଅନ୍ତି। ସେ ନିଜ ସୁଖ ଦୁଃଖ ସହିତ ଅନ୍ୟମାନଙ୍କ ଭଲ ପାଇଁ ଚିନ୍ତା କରନ୍ତି। ଯେତେବେଳେ ପଡ଼ୋଶୀରେ କାହାର ଅସୁବିଧା ହୁଏ ସେ ସହାୟତା ପାଇଁ ଆଗକୁ ଆସନ୍ତି। ଏହି ଭାବନା ଆମ ସମାଜକୁ ଏକ ପରିବାର ଭଳି ଗଢ଼ି ଦିଏ।

କଥାରେ ଅଛି –
"ପଡ଼ୋଶୀ ମିଳିତ ହେଲେ ଗାଁ ହୁଏ ପରିବାର।"

ଭଲ ପଡ଼ୋଶୀର ଭଲ ଆଚରଣ ଅନ୍ୟମାନଙ୍କୁ ପ୍ରେରଣା ଦିଏ ଓ ସମଗ୍ର ପଡ଼ୋଶୀ ଭଲ ହୋଇଯାଏ। ଯଦି ଆମେ ଭଲ ହେବା ଆମ ଚାରି ପାଖ ଲୋକମାନେ ମଧ୍ୟ ଭଲ ହେବେ ଓ ଦେଶର ଉନ୍ନତି ହେବ। ନିଜେ ଭଲ ନ ହୋଇ ଅନ୍ୟଠାରୁ ଭଲ ହେବା ଆଶା କରିବା ଅନୁଚିତ୍ । ଯେଉଁଠି ସମଭାବ ଓ ପ୍ରେମ ରହେ ସେଠି ଶାନ୍ତି ଓ ଏକତା ବିରାଜ କରେ ।

ପଡ଼ୋଶୀମାନଙ୍କ ସହ ଭଲ ସମ୍ପର୍କ ରଖିବା ଆମ କର୍ତ୍ତବ୍ୟ। ଯେତେବେଳେ ଜଣେ ପଡ଼ୋଶୀ ଭଲ, ସହଯୋଗୀ ଓ ସଦ୍‌ଗୁଣୀ ହୁଏ, ସେ ତାଙ୍କ ଚାରିପାଖରେ ଭଲ ପରିବେଶ ଗଢ଼େ । ଏକ ଭଲ ବ୍ୟକ୍ତି ତାଙ୍କ ଆଚରଣ, ସହଯୋଗ ଓ ଦୟା ଦ୍ୱାରା ସମଗ୍ର ପଡ଼ୋଶରେ ଶାନ୍ତି ଓ ସମ୍ମିଳନୀ ଆଣିପାରେ ।

କଥାରେ ଅଛି – "ଯେଉଁଠି ମଣିଷ ମଣିଷକୁ ଭଲପାଏ,
ସେଠି ପଡ଼ୋଶୀ ହୁଏ ସ୍ୱର୍ଗସମ।"

ଆମ ପଡ଼ୋଶରେ ଅନେକ ଭଲ ଲୋକ ଅଛନ୍ତି। ସେମାନେ ସହଯୋଗୀ ଓ ସାଧୁ ଭାବରେ ଆଚରଣ କରନ୍ତି । ଯେତେବେଳେ କାହାର ଅସୁବିଧା ଘଟେ, ସମସ୍ତେ ଏକାଠି ହୋଇ ସାହାଯ୍ୟ କରନ୍ତି, ଆଉ କାହାର ଖୁସି ଅବସରରେ ସମସ୍ତେ ମିଶି ଆନନ୍ଦ ପାଳନ କରନ୍ତି । ଏହି ଭାବନା ଆମ ଅଞ୍ଚଳକୁ ଏକ ପରିବାର ଭଳି

ଗଢ଼ିଦେଇଛି । ଏହା ଦେଖି ମୁଁ ଶିଖିଛି ଯେ, ମଣିଷ ମଣିଷଙ୍କୁ ପାଇଁ ବଞ୍ଚିଲେ ଜୀବନ ଅଧିକ ସୁନ୍ଦର ହୁଏ । ପଡ଼ୋଶୀଙ୍କ ଦୁଃଖରେ ଦୁଃଖୀ ହୋଇ ସାହାଯ୍ୟ ବା ସେବା କରିବା ଏହା ଏକ ମାନବୀୟ ଗୁଣ ।

କଥାରେ ଅଛି – "ଭଲ ପଡ଼ୋଶୀ ହେବା ମାନେ,
ନିଜ ଜୀବନର ଶ୍ରେଷ୍ଠ ଦାନ ଦେବା ।"

ମୋର ଏକ ଅନୁଭୂତି – ମୋ ପଡ଼ୋଶୀର ସାହାଯ୍ୟର ମୂଲ୍ୟ ଥିଲା ଏକ ଜୀବନ । ଦିନେ ରାତିରେ ଘରେ ମୋର ବାପା ଓ ମୁଁ ଥାଉ । ହଠାତ୍ ବାପାଙ୍କର ନିଶ୍ୱାସ ନେବାରେ କଷ୍ଟ ହେଲା । ଡାକ୍ତରଖାନା ନେବା ପାଇଁ କେହି ଘରେ ନଥିବାରୁ, ମୋର ମନେପଡ଼ିଲା ମୋର ପଡ଼ୋଶୀ କେଶବ ମହନ୍ତ । ଯେ କି ମୋର ଦାଦା ହିସାବ ହେବେ । ମୁଁ ଫୋନ୍ କରି ଡାକିବାରୁ ସେ ସଙ୍ଗେ ସଙ୍ଗେ ଆସି ଗାଡ଼ିରେ ବାପାଙ୍କୁ ଡ଼ାକ୍ତରଖାନା ନେଇଗଲେ । ବାପାଙ୍କ ଚିକିତ୍ସା ସଙ୍ଗେ ସଙ୍ଗେ ହେବାରୁ ସେ ଠିକ୍ ହୋଇଗଲେ । ତାଙ୍କ ସାହାଯ୍ୟ ପାଇଁ ମୋ ବାପା ଜୀବନ ଲାଭ ପାଇଲେ ।

ଏଠାରେ ମୁଁ ଶିକ୍ଷାଲାଭ କରେ ଯେ, ଅସମୟରେ ବା ଅସୁବିଧା ସମୟରେ ସାହାଯ୍ୟ କରୁଥିବା ବ୍ୟକ୍ତି ପ୍ରକୃତ ବନ୍ଧୁ ବା ପ୍ରକୃତ ପଡ଼ୋଶୀ ।

"ଉତ୍ସବେ ବ୍ୟସନେ ଚୈବ, ଦୁର୍ଭିକ୍ଷେ ଶତ୍ରୁ ସଙ୍କଟେ,
ରାଜଦ୍ୱାରେ ଶ୍ମଶାନେଃ, ଯଃ ତିଷ୍ଠତି ସଃ ବାନ୍ଧବଃ ।"

ଅର୍ଥାତ୍ ଯିଏ ଉତ୍ସବ ସମୟରେ, ବିପଦ ସମୟରେ, ଦୁର୍ଭିକ୍ଷ ବା ଦୁଃଖ ସମୟରେ, ଶତ୍ରୁ ସଙ୍କଟରେ, ରାଜଦ୍ୱାରରେ ଏବଂ ଶ୍ମଶାନରେ ଯିଏ ସାଙ୍ଗରେ ରୁହେ, ସେ ହିଁ ପ୍ରକୃତ ବନ୍ଧୁ ।

ମୋ ପଡ଼ୋଶୀ ପ୍ରତି ମୋର ମଧ୍ୟ ସେତିକି ସହାୟତା, ସାନ୍ତ୍ୱନା ଦେବା ଓ ସେବା ମଧ୍ୟ ରହିଛି । ଯେତେବେଳେ ମୋର ପଡ଼ୋଶୀ ଅସୁସ୍ଥ ହୋଇଛନ୍ତି । ମୁଁ ସେବା ଯୋଗାଇଛି, ଦୁଃଖିତ ଥିବାବେଳେ ମୁଁ ସାନ୍ତ୍ୱନା ଦେଇଛି । ଦରିଦ୍ର ପଡ଼ୋଶୀଙ୍କୁ ମୁଁ ମୋର ସାମର୍ଥ୍ୟ ଅନୁଯାୟୀ ସହାୟତା ବା ସାହାଯ୍ୟ କରିଛି । ମୋ ପଡ଼ୋଶୀଙ୍କୁ ମୋର ପରିବାରର ସାହାଯ୍ୟକାରୀ ସଦସ୍ୟ ପରି ଭାବିଛି । ସେମାନଙ୍କ ସୁଖ ଦୁଃଖରେ ମୁଁ ଛିଡ଼ା ହୋଇଛି ।

କଥାରେ ଅଛି – "ଦାନର ସତ୍ୟ ଅର୍ଥ ହେଉଛି – ଯେଉଁଠି ଆବଶ୍ୟକ, ସେଠି ସହାୟତା ହସି ହସି ଦେବା ।"

କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସାର୍‌ଙ୍କ ବାଣୀ ଥିଲା ଯେ – ଆର୍ଟ ଅଫ୍ ଗିଭିଙ୍ଗ ସାହାଯ୍ୟରେ ଲୋକମାନଙ୍କୁ ସାହାଯ୍ୟ କରିବା । ଆର୍ଟ ଅଫ୍ ଗିଭିଙ୍ଗର ଅର୍ଥ ହେଉଛି ଜୀବନ । ନୈତିକ ଶିକ୍ଷା, ଭଲ ପାଇବା ଓ ଦାନ କଳା । ଆର୍ଟ ଅଫ୍ ଗିଭିଙ୍ଗର ଅର୍ଥ ଦାନ କଳା ଅର୍ଥାତ୍ ସମୟ, ସେବା, ଶ୍ରମ ଓ ସହଯୋଗ ଦେବା । ଆମ ଜୀବନ ଯଦି ଏହି ମୂଲ୍ୟରେ ଆଧାରିତ ହୁଏ, ତେବେ ଆମ ପଡ଼ୋଶୀ ଓ ସମାଜ ମଧ୍ୟ ସୁଖୀ ଓ ଶାନ୍ତିପୂର୍ଣ୍ଣ ହୁଏ, ଯେତେବେଳେ ସେବା କରିବାର ସୁଯୋଗ ମିଳୁଛି । କେବେ ହାତ ଛଡ଼ା ନ କରି ସେହି ମହାନ୍ କାମକୁ (ସେବା) କରିବା ଉଚିତ୍ ।

"ଭଲ ପଡ଼ୋଶୀ ହେଉଛନ୍ତି ଜୀବନର ସତ୍ୟ ଆଶୀର୍ବାଦ ।"

ସେବା ଓ ଦାନ ହେଉଛି ମଣିଷର ଆତ୍ମା । ଦାନ କଳା ମଧ୍ୟ ମଣିଷର ସୁନ୍ଦରତମ ଶିଳ୍ପ– ଯାହା ଭଲ ପାଇବା । ସହଯୋଗ ଓ ମାନବତାର ମାଧ୍ୟମରେ ଜୀବନକୁ ଅର୍ଥବାନ କରେ । ଯେତେବେଳେ ଆମେ ନିଜ ପଡ଼େଶୀଙ୍କ ସହ ଏହି ଦାନର ଭାବନା ବାଣ୍ଟୁଥାଉ । ଆମ ପଡ଼ୋଶୀ ହୁଏ ଶାନ୍ତି, ସମୃଦ୍ଧ ଓ ସୁଖର ନିଡ଼ । ଆର୍ଟ ଅଫ୍ ଗିଭିଙ୍ଗ ବା ଦାନର କଳା ଆମକୁ ଶିଖାଏ ଯେ, ଦେବା ହେଉଛି ଜୀବନର ସତ୍ୟ ସଫଳତା ।

"ଯେଉଁଠି ପ୍ରେମ ସେବା ଓ ସହଯୋଗ ରୁହେ, ସେଠି ଶାନ୍ତି ଓ ସୁଖ ଫୁଟେ ।"



# ଭଲ ପଡ଼ୋଶୀ ହେଉଛନ୍ତି ଏକ ଅଦୃଶ୍ୟ ରକ୍ଷା କବଚ

**ସଞ୍ଜନା ମାଝୀ**

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ ବିଶ୍ୱନିୟନ୍ତାଙ୍କର ଏକ ଅନବଦ୍ୟ ସୃଷ୍ଟି । ସେହି ସୃଷ୍ଟି ମଧ୍ୟରେ ମନୁଷ୍ୟ ଅନ୍ୟତମ ପ୍ରାଣୀ । ମନୁଷ୍ୟ ହେଉଛି ପୃଥିବୀର ସବୁଠାରୁ ବୁଦ୍ଧିମାନ ପ୍ରାଣୀ । ସେ ଭାବିପାରେ, କାମ କରିପାରେ ଓ ନିଜ ଜୀବନକୁ ଉନ୍ନତ କରିପାରେ । ମାନବ ଯେହେତୁ ଏକ ସାମାଜୀକ ଜୀବ, ସେ ଏକାକୀ ରହିପାରେ ନାହିଁ । ଜୀବନକୁ ସୁଖ ଓ ସୁନ୍ଦର କରିବା ପାଇଁ ସେ ପଡ଼ୋଶୀଙ୍କ ସହ ସମ୍ପର୍କ ଗଢ଼ି ରଖେ । ପଡ଼ୋଶୀ ହେଉଛନ୍ତି ଆମ ଜୀବନର ଏକ ଅଂଶ, ଯେଉଁଥିରେ ଆମେ ଆପଣା ଭାବରେ ଆଶ୍ରୟ ଓ ସମ୍ପର୍କ ଖୋଜିଥାଉ । ମାନବ ସମାଜର ମୂଳମନ୍ତ୍ର ହେଉଛି ସହ ଭାଗିତା ଓ ସହାନୁଭୂତି । ଯେତେବେଳେ ଆମେ ଆପଣା ଘର ତିଆରି କରୁ, ସେତେବେଳେ ତାହା ପାଖରେ ଥିବା ଲୋକମାନେ ହେଉଛନ୍ତି ଆମ ପଡ଼ୋଶୀମାନେ । ଯେଉଁମାନେ କି ଆମ ଜୀବନ ସହିତ ଯୋଡ଼ି ହୋଇ ରହିଥାନ୍ତି । ପଡ଼ୋଶୀ ହେଉଛନ୍ତି ସେହି ମଣିଷ ଯିଏ ଆମ ପାଖରେ ରହି ସୁଖ, ଦୁଃଖରେ ଆମର ସହଭାଗୀ ହୋଇଥାନ୍ତି । ସେଥିପାଇଁ କୁହାଯାଏ ଜଣେ ଭଲ ପଡ଼ୋଶୀ ହେଉଛନ୍ତି ଭଗବାନଙ୍କ ଦିଆ ଆର୍ଶୀବାଦ ।

ପଡ଼ୋଶୀ କେବଳ ଘର ପାଖେ ରହୁଥିବା ଜଣେ ମଣିଷ ନୁହେଁ; ସେ ହେଉଛନ୍ତି ଆମ ସାମାଜିକ ଜୀବନର ଅବିଭାଜ୍ୟ ଅଂଶ । ଯେପରି ଗଛ ପାଖରେ ଅନ୍ୟଗଛ ଥାଇ ହାଲୁକା ପବନରେ ସହାୟତା କରେ, ସେହିପରି ଜଣେ ଭଲ ପଡ଼ୋଶୀ ଆମ ଜୀବନକୁ ଶୀତଳ କରିଥାଏ । ପଡ଼ୋଶୀଙ୍କ ଆଚରଣ, ସହାନୁଭୂତି ଓ ସେବା ଭାବ ଆମର ମନୋବୃତ୍ତିକୁ ମଧ୍ୟ ପ୍ରଭାବିତ କରେ । ସେମାନେ ଆମ ଜୀବନର ପ୍ରେରଣା । ତାଙ୍କ ସାହାଯ୍ୟ, ମୂଲ୍ୟବୋଧ ଆମକୁ ଭଲ ନାଗରିକଟିଏ ହେବାପାଇଁ ସଦାସର୍ବଦା ମାର୍ଗ ଦେଖାଇଛି । ମୋ ପଡ଼ୋଶୀଙ୍କଠାରୁ ମୁଁ ଶିଖିଛି ଯେ ଜୀବନରେ ସଫଳତା ମାତ୍ର ପଇସା କିମ୍ବା ସମ୍ପତ୍ତିରେ ନୁହେଁ ବରଂ ପରସ୍ପରକୁ ସାହଯ୍ୟ ଓ ସହଯୋଗ କରିବାରେ ।

ମୋ ପଡ଼ୋଶୀଙ୍କ ସହ ମୋର ସମ୍ପର୍କ ବିଷୟରେ କହୁଛି । ମୋ ପଡ଼ୋଶୀଙ୍କ ସହିତ ମୋର ଗଭୀର ମାନବୀୟ ସମ୍ପର୍କ ରହିଛି । ସେମାନେ କେବଳ ପାଖରେ ରହୁଥିବା ମଣିଷ ନୁହନ୍ତି ମୋ ଜୀବନର ଏକ ଅଂଶ ହୋଇପଡ଼ିଛନ୍ତି । ଯେତେବେଳେ ମୋ ଘରେ ମୋର କୌଣସି ଉତ୍ସବ କିମ୍ବା ଦୁଃଖଦ ଘଟଣା ହୁଏ, ସେମାନେ ପ୍ରଥମେ ଆସି ସହଯୋଗ କରନ୍ତି । ଘରେ ଯେତେବେଳେ କୌଣସି ପୂଜା କିମ୍ବା ଜନ୍ମଦିବସ ଅନୁଷ୍ଠିତ ହୁଏ, ସେଇଠି ଆମେ ସମସ୍ତେ ସାମିଲ ହୋଇ ମିଳିମିଶି ପରସ୍ପରକୁ ସହଯୋଗ କରିଥାଉ । ଏହି ସହଭାଗିତା ଆମ ପଡ଼ୋଶୀଙ୍କୁ ଏକ ନୂତନ ଅର୍ଥଦିଏ । ଗଛବର୍ଷ ଯେତେବେଳେ ମୋ ପିତା ଅସୁସ୍ଥ ହୋଇପଡ଼ିଥିଲେ, ସେମାନେ ସେତେବେଳେ ଆମ ସହ

ହସ୍ପିଟାଲକୁ ଯାଇଥିଲେ, ଔଷଧ ପାଇଁ ସାହାଯ୍ୟ କରିଥିଲେ ଓ ରାତିଦିନ ସାଥି ହୋଇଥିଲେ। ସେହି ସହଯୋଗ ଆଜି ପର୍ଯ୍ୟନ୍ତ ମଧ୍ୟ ମୋ ମନରେ ରହିଛି ଓ ଆଗକୁ ରହିବ ମଧ୍ୟ। ସନ୍ଧ୍ୟାବେଳେ ଆମେ ସମସ୍ତେ ଏକାଠି ମିଶି ବସିଥାଉ। ଏହି ସାଧାରଣ ଆଲୋଚନା ଆମ ସମ୍ପର୍କକୁ ଆହୁରି ଦୃଢ଼ କରେ।

ସମାଜ ଓ ପଡ଼ୋଶୀର ମହତ୍ତ୍ୱ ବିଷୟରେ କହିବି। ପଡ଼ୋଶୀଙ୍କ ମହତ୍ତ୍ୱ ଆମେ ଅସୁବିଧାରେ ହିଁ ବୁଝିପାରୁ। ଆମ ଭାରତୀୟ ସଂସ୍କୃତିରେ ପଡ଼ୋଶୀକୁ ଆପଣା ଭାବିବାର ପରମ୍ପରା ଅଛି। ପୁରୁଣା ଗ୍ରାମ୍ୟ ଜୀବନରେ ସବୁଠି ଏକତା, ଭଲପାଇବା ଓ ସାହାଯ୍ୟର ଆଦର୍ଶ ଦେଖାଯାଇଥିଲା। ଆଜି ସହରୀ ଜୀବନରେ ଯେଉଁଠି ଲୋକ ଅପରିଚିତ ହୋଇଯାଉଛନ୍ତି, ସେଠି ମଧ୍ୟ ଭଲ ପଡ଼ୋଶୀ ହେବା ଏକ ମହାନ ଗୁଣ। ପଡ଼ୋଶୀ ସହ ଭଲ ସମ୍ପର୍କ ରଖିଲେ ମନରେ ଶାନ୍ତି ଥାଏ। ସମାଜରେ ଏକତା ବଢ଼େ ଓ ଦୁଃଖ ସମୟରେ ଆଶା ଜନ୍ମ ନିଏ। ଭଲ ପଡ଼ୋଶୀ ହେଉଛି ଏକ ଅଦୃଶ୍ୟ ରକ୍ଷା କବଚ। ଯେ ଦୁଃଖରେ ଆମକୁ ଧରି ରଖେ ଓ ସୁଖରେ ଆମ ସହ ହସେ। ତେଣୁ ପଡ଼ୋଶୀଙ୍କୁ ଦୈନନ୍ଦିନ ଜୀବନର ଭଗବାନ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଓଡ଼ିଶାର ଗର୍ବ ତଥା ଜଣେ ମହାନ ଶିକ୍ଷାବିତ୍‌ଙ୍କ ଦୃଷ୍ଟିଭଙ୍ଗୀ ହେଉଛି ସମାଜ ସେବା, ମାନବତା ଓ ପ୍ରେମ ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଡ଼. ଅଚ୍ୟୁତ ସାମନ୍ତ। ଗରିବ ପରିବେଶରେ ଜନ୍ମ ନେଇ ସେ ନିଜ ଜୀବନକୁ ଶିକ୍ଷା, ସେବା ଓ ସମାଜର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ। ତାଙ୍କ ଜୀବନର ପ୍ରଥମ ପଡ଼ୋଶୀ ଥିଲେ ସେଇ ଗ୍ରାମର ଗରିବ ଲୋକମାନେ। ସେ କୁହନ୍ତି ପଡ଼ୋଶୀ ସେ ଯିଏ ଅନ୍ୟଙ୍କ ଦୁଃଖରେ ସହଭାଗୀ ହୋଇଥାନ୍ତି। ସେଥିପାଇଁ ସେ ନିଜ ଗ୍ରାମକୁ ମାନେ କଲରାବାଙ୍କକୁ 'ସ୍ମାର୍ଟ ଭିଲେଜ'ରେ ପରିବର୍ତ୍ତନ କରିଛନ୍ତି। ସମାଜ ଓ ପଡ଼ୋଶୀ ସମ୍ପର୍କରେ ତାଙ୍କ ମନୋଭାବ ଅତ୍ୟନ୍ତ ଦୟାପୂର୍ଣ୍ଣ। ସେ ନିଜ ଜୀବନର ସଫଳତାକୁ କେବେ ବି ନିଜ ପାଇଁ ରଖିନାହାନ୍ତି। ଅନ୍ୟମାନଙ୍କୁ ସହଭାଗ କରି ସମସ୍ତଙ୍କୁ ଆଗକୁ ନେବା ତାଙ୍କର ମୂଳଲକ୍ଷ୍ୟ। ଏହି ପରି ଭାବରେ ସେ ଜଣେ ଉତ୍ତମ ପଡ଼ୋଶୀ ଯିଏ ନିଜ ଗ୍ରାମ ଓ ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଦେଇଛନ୍ତି। ତାଙ୍କଠାରୁ ଆମେ ଶିଖୁ ଯେ କିପରି ଅନ୍ୟ ପାଇଁ ବଞ୍ଚିବାକୁ ହୁଏ।

ଦେବା କେବଳ ମାନବିକ କର୍ତ୍ତବ୍ୟ ନୁହେଁ; ଏହା ଏକ ଆଧ୍ୟାତ୍ମିକ ଅଭ୍ୟାସ ମଧ୍ୟ। ଯେତେବେଳେ ଆମେ ଦେଉଛୁ, ଆମେ ନିଜ ଆତ୍ମାକୁ ଶୁଦ୍ଧ କରୁଛୁ। ଯେତେବେଳେ ଜଣେ କିଛି ଦେଇଥାଏ ସେ ସମୟ ହେଉ ବା ସେବା କିମ୍ବା ଜ୍ଞାନ ତାହା କେବେ ଆମେ ହରାଉ ନ ଥାଉ ବରଂ ନିଜକୁ ଅଧିକ ପବିତ୍ର ଓ ଉଚ୍ଚ ମନୋଭାବ ପ୍ରଦାନ କରିଥାଏ। ଏହି ଅନୁଭବ ମାନବ ମନକୁ ଦିବ୍ୟତାର ସଂସ୍ପର୍ଶ ଦେଇଥାଏ। ଧନରେ ନୁହେଁ ଦେବାରେ ଥିବା ସନ୍ତୋଷ ଆଧ୍ୟାତ୍ମିକ ସୁଖ ଦିଏ। ଯେ ଦେଇଥାଏ ସେ ପ୍ରକୃତରେ ଭଗବାନଙ୍କ ଭଲପାଇବା ସହିତ ଯୋଡ଼ି ହୋଇଥାଏ। ଦେବା ଦ୍ୱାରା ମନରେ ପବିତ୍ରତା ଆସେ।

ପଡ଼ୋଶୀ ହେଉଛି ଦୟା ଓ ସମର୍ପଣର ପାଠଶାଳା। ପଡ଼ୋଶୀ ସହ ଥିବା ସମ୍ପର୍କ ଆମକୁ ଶିଖାଏ ଯେ ସମ୍ପର୍କ ଧନରେ ନୁହେଁ ଭାବରେ ଥାଏ। ଏକ ମିଳିତ ହସ, ଏକ ସହାୟତାର ହାତ, ଏ ସବୁ ହେଉଛି ପଡ଼ୋଶୀ ସହ ସମ୍ପର୍କ। ସେମାନେ ଆମକୁ ଶିଖାଇଥାନ୍ତି ଜୀବନର ସଫଳତା କେବଳ ନିଜ ସୁଖରେ ନୁହେଁ ବରଂ ଅନ୍ୟର ଖୁସିରେ ଥାଏ। ଔଷଧ ଆଣି ଦେବାଠାରୁ ଆରମ୍ଭ କରି ଜୀବନର ଯେତେ ବି ଜଟିଳ ପରିସ୍ଥିତି ଆସୁନା କାହିଁକି ସେ ସଦାସର୍ବଦା ଆମ ପାଖରେ ଠିଆ ହୋଇଥାନ୍ତି। ଏହି ସହଯୋଗ ଆମକୁ ଶିଖାଏ ଯେ ମନୁଷ୍ୟତାର ସମସ୍ୟାର ସୀମା କେବଳ ନିଜ ଘର ପର୍ଯ୍ୟନ୍ତ ନୁହେଁ, ସମଗ୍ର ଜଗତ ପର୍ଯ୍ୟନ୍ତ।

ସେଥିପାଇଁ କୁହାଯାଏ –

"ବସୁଧୈବ କୁଟୁମ୍ବକମ୍" ସମଗ୍ର ପୃଥିବୀରେ ଆମେ ସମସ୍ତେ ଗୋଟିଏ ପରିବାର ଭଳି।

ମୋଟାମୋଟି ଉପରେ ଦେବାର କଳା ହେଉଛି ମନୁଷ୍ୟ ଜୀବନର ସବୁଠୁ ବଡ଼ ଶିକ୍ଷା। ଯେ ଦେବା ଜାଣେ, ସେ ଈଶ୍ୱରଙ୍କର ନିକଟତର ହୋଇଥାଏ। ମୁଁ ଓ ମୋ ପଡ଼ୋଶୀ ଏହି ଶିକ୍ଷାକୁ ଜୀବନରେ ଅନୁଭବ କରିଛୁ। ଆମେ ମାନବତାର ପଥରେ ଚାଲି ଅନ୍ୟମାନଙ୍କୁ ଖୁସି ଦେବାରେ ଆନନ୍ଦ ପାଉଛୁ। ସତରେ ଦେବା ହେଉଛି ସେଇ କଳା ଯାହା ମନୁଷ୍ୟକୁ ମହାନ କରେ ଓ ସମାଜକୁ ଶାନ୍ତିପୂର୍ଣ୍ଣ କରେ। ଶେଷରେ ଏତିକି କହିବି ଯେ, ଭଲ ପଡ଼ୋଶୀ ହେଉଛି ଜୀବନର ମୂଲ୍ୟବାନ ସମ୍ପତ୍ତି। ସେ ଆମ ଦିନକୁ ଆଲୋକିତ କରନ୍ତି, ଦୁଃଖରେ ସାନ୍ତ୍ୱନା ଦିଅନ୍ତି ଓ ସମାଜରେ ଶାନ୍ତିର ବାର୍ତ୍ତା ବାଣ୍ଟନ୍ତି। ସେଥିପାଇଁ ମୁଁ ମୋ ପଡ଼ୋଶୀଙ୍କୁ କେବଳ ପାଖରେ ରହୁଥିବା ଲୋକ ଭାବେନି ବରଂ ଜଣେ ଭଲ ମିତ୍ର ଓ ଦିଗ୍‌ଦର୍ଶକ ଭାବେ ଗ୍ରହଣ କରିଛି।



# ସେଇ ପଡ଼ୋଶୀଙ୍କ ପାଇଁ

ଶୁଭସ୍ମିତା ପାତ୍ର

ନା ମୁଁ ଜଣେ ଲେଖିକା, ନା ମୁଁ ଗୋଟେ ଗାୟିକା ଏତିକି ଜାଣିଛି ମୁଁ ମୋ କାହାଣୀର ଜଣେ ଅନାମିକା, ସାରା ଦୁନିଆର ସ୍ୱରକୁ ହୃଦୟରେ ସାଇତି ରଖେ, ତାକୁ ଶବ୍ଦ ମାଧ୍ୟମରେ ଜୀବନ କାହାଣୀରେ ରୂପାନ୍ତରିତ କରିବାକୁ କିଞ୍ଚିତ ପ୍ରୟାସ କରେ। ସେ କାହାଣୀ ମୋ ଜୀବନର ପ୍ରୟାସ ଏକ ପରିବର୍ତ୍ତନର। ମୁଁ ସେଇ ବଣର ଗୋଟିଏ ଛୋଟିଆ ବଣମଲ୍ଲୀ, ରାତି ପାହିଲା ପରେ ଯିଏ ଝଡ଼ି ପଡ଼ିଥାନ୍ତା ଜଙ୍ଗଲର କାଦୁଅ ଭିତରେ। ହେଲେ ମୁଁ ଆଜି ଯାଏଁ ଝଡ଼ିନି; ହସୁଛି, ବାସ୍ନାରେ ମହକାଉଛି ସାରା ପରିବେଶକୁ, ଓଠରେ ରହିଛି ମୋର ଅସରନ୍ତି ହସ। କାରଣ ମୁଁ ବିଶ୍ୱାସ କରେ କଠିନ ପରିଶ୍ରମ ଉପରେ, ମାନେନି ଭାଗ୍ୟର କ୍ରୁରତାର କଥାକୁ। କାରଣ ମୁଁ ଜାଣିଛି ଜ୍ଞାନ ହିଁ ଏକମାତ୍ର ଉପାଦାନ, ଯାହା ମଣିଷକୁ କୌଣସି ସ୍ଥାନରେ କୌଣସି ପର୍ଯ୍ୟାୟରେ ଏବଂ କୌଣସି ସମୟରେ ଛାଡ଼ି ନ ଥାଏ।

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମୋ ମାଟି କଳାହାଣ୍ଡି, ବାପା ମଆଙ୍କ ଗେହ୍ଲା ଝିଅ ମୁଁ, ମୋର ନାମ ସେଥିପାଇଁ ଭାରି ଶ୍ରଦ୍ଧାରେ ଦେଇଥିଲେ ଶୁଭସ୍ମିତା ପାତ୍ର। ଅକୁହା ସ୍ୱପ୍ନକୁ ହୃଦୟରେ ଭରି ଅତିକ୍ରମ କରିଛି ଅନେକ ଦିବାନିଶି, ଗାଁ ରେ ଥିବା ସମୟରେ ଜାଣି ନଥିଲି ଶିକ୍ଷାର ପ୍ରକୃତ ଅର୍ଥ କଣ ? ସ୍କୁଲ ଯେ କେବଳ ଶିକ୍ଷକମାନେ ପାଠ ବହି ପଢ଼ାନ୍ତି ଏଇଟା ହିଁ ଦେଖିଥିଲି ମୋ ଗାଁ ରେ। ହେଲେ ପାଠ ବହି ଅନ୍ତର୍ଗତ ଓ ବହିର୍ଗତ ତଥ୍ୟର ପରିସୀମା ଯେ କେତେ ବ୍ୟାପ୍ତ ତାହା ମୋତେ ଆଦୌ ଜଣା ନଥିଲା। ଜାଣିଲି ଏହି କିସ୍‌ର ପବିତ୍ର ମାଟିରେ।

ବେଳେ ବେଳେ ସମୟ ଏପରି ଦୋଛକିରେ ଆଣି ଛିଡ଼ା କରି ଦିଏ ଯେଉଁଠି ବୁଦ୍ଧି ବି ଉପାୟ ଶୂନ୍ୟ ହୋଇପଡ଼େ। ପଢୁଥିବା ଗାଁରେ ପ୍ରାଥମିକ ବିଦ୍ୟାଳୟର ଅବସ୍ଥାରେ ଏଭଳି ପରିବର୍ତ୍ତନ ଆସିଲା ଯେ ପାଦତଳୁ ଯେପରି ମାଟି ଖସି ଯାଇଥିଲା ମୋ ବାପାଙ୍କର। ମୋ ବାପା ଆମମାନଙ୍କୁ ଶିକ୍ଷିତ କରାଇବା ଲକ୍ଷ୍ୟ ନେଇ ଅନେକ କଣ୍ଟକିତ ପଥ ଅତି କ୍ରମ କରିବାକୁ ମଧ୍ୟ ପଛାଇ ନଥାନ୍ତି। ବିଦ୍ୟାଳୟର ଶୋଚନୀୟ ଅବସ୍ଥା ଓ ମୋର ପାଠ ପଢ଼ିବାର ଆଗ୍ରହକୁ ଦେଖି ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ମୋର ଘର ପାଖର ଜଣେ ଭାଇ ଅନେକ ଦିନ ପରେ ଗାଁକୁ ଆସିଥିଲେ। ବାପାଙ୍କ ସହିତ ତାଙ୍କର ହାଟରେ ଭେଟ ହୋଇଥିଲା। ବାପାଙ୍କଠାରୁ ସବୁ କଥା ଶୁଣି ଆଶ୍ୱାସନା ଦେଲେ ଅନେକ, ଅନ୍ଧ ବ୍ୟକ୍ତି ହସ୍ତରେ ବାଡ଼ିଟିଏ ପଡ଼ିଗଲା ପରି ବାପାଙ୍କୁ ମିଳିଥିଲା ମୋ ପାଇଁ ନୂଆ ବିଦ୍ୟାଳୟର ଠିକଣା। କାଳବିଳମ୍ବ ନ କରି ୨୦୨୧ ମସିହାରେ ମୋର ନାମ ଲେଖାଇଲେ ବିଶ୍ୱର ସର୍ବ ବୃହତ୍ତ ଆବାସିକ ବିଦ୍ୟାଳୟ କିସ୍‌ରେ। କିସ୍ କଲେଜରେ ସେତେବେଳେ ମୋର ସେହି ଭାଇ ଜଣକ ପାଠ ପଢୁଥିଲେ। ପାଖ ପଡ଼ୋଶୀ

ହୋଇଥିବାରୁ ମୋତେ କିସ୍‌ରେ ନାମ ଲେଖେଇବାରେ ତାଙ୍କର ଥିଲା ଅଜସ୍ର ଅବଦାନ ।

ତାପରେ କିଛି ଦିନ ପରେ କିସ୍‌ରେ ପାଠ ପଢୁଥିବା ସମୟରେ ହଠାତ୍ ଖବର ମିଳିଲା ମୋର ବାପାଙ୍କର ଦେହାନ୍ତ ଘଟିଛି । ଯେମିତି ତାଙ୍କୁ ଆଗରୁ ଜଣା ପଡ଼ିଥିଲା ତାଙ୍କୁ ଫେରିବାକୁ ପଡ଼ିବ ସେହି ବିଶ୍ୱନିୟନ୍ତାଙ୍କ ନିକଟକୁ । ଯେମିତି ବ୍ୟତିବ୍ୟସ୍ତ ହୋଇଥିଲେ ତାଙ୍କ ଅନ୍ତେ ଆମେ ବାପ ଛେଉଣ୍ଡ ହୋଇ ଶିକ୍ଷାର ରାସ୍ତାଠାରୁ ଦୂରେଇ ଯିବୁ । ସେଥିପାଇଁ ତ ପଡ଼ୋଶୀ ଭାଇଙ୍କ ପାଖରୁ କିସ୍‌ର କଥା ଶୁଣି ମୋତେ ଏହି ବାତାବରଣରେ ଛାଡ଼ି ଦେଇ ନିଜେ ନେଇଗଲେ ଚିର ବିଦାୟ । ଆମ ଜୀବନର ପ୍ରତ୍ୟେକ ପର୍ଯ୍ୟାୟ ଆମକୁ କିଛି ମୂଲ୍ୟବାନ ଶିକ୍ଷା ଦେବାକୁ ବାଧ୍ୟ କରେ । କିନ୍ତୁ ଏହା ଆମ ଉପରେ ନିର୍ଭର କରେ ଯେ ଆମେ ଶିକ୍ଷାଗୁଡ଼ିକୁ ବିଶ୍ଳେଷଣ କରୁଛେ କିମ୍ବା କେବଳ ପୃଷ୍ଠା ଗୁଡ଼ିକୁ ଓଲଟାଉଛେ । ବାପାଙ୍କ ଶୂନ୍ୟତାକୁ ଆଜି ବି ମନେପକାଏ । ନିରୋଳା ଆକାଶରେ ସେହି ତାରାଗଣଙ୍କ ଭିତରେ ପାଏ ମୋ ବାପାଙ୍କୁ ଅହରହ ।

ମୋ ଜୀବନ ଆଜି ପାଲଟିଛି ସକ୍ରିୟ । ନଦୀ ସ୍ରୋତ ପରି ମୁଁ ଆଜି ପ୍ରବାହିତ । ସ୍ରୋତରେ ବହିଯିବା ଶିଖାଇଛି ମୋତେ ଏହି ପବିତ୍ର ଅନୁଷ୍ଠାନ ଓ ସର୍ବୋପରି ମୋର ସେହି ପଡ଼ୋଶୀ ଭାଇ, ନା ତାର ନନ୍ଦ କିଶୋର ପାତ୍ର । ଆଜି ସେ ଜଣେ ଓଏଏସ୍ ଅଫିସର । ତାଙ୍କରି ଆଦର୍ଶ, ପରିଶ୍ରମକୁ ପାଥେୟ କରି ମୁଁ ମଧ୍ୟ ମୋ ଲକ୍ଷ୍ୟ ପଥ ଦିଗେ ଅଗ୍ରସର ଅହରହ । ଯେଉଁ ଗାଁ ମୋତେ ଅଦରକାରୀ ଭାବୁଥିଲା, ସେହି ଗାଁ ମୋ ପାଇଁ ଆଜି ଗର୍ବିତ । କିସ୍‌ରେ ପାଦ ଦେବା ଦିନରୁ ଗୋଟିଏ କଥା ବିଷୟରେ ଭଲଭାବେ ଅବଗତ ହେଲି- ଏଠି ଶ୍ରେଣୀରେ କେବଳ ପାଠବହି ପଢ଼ା ହୁଏନି, ବରଂ ଏଠାରେ ଦିଆଯାଏ ଶିକ୍ଷିତ ହେବାର ମହାମନ୍ତ୍ର । ଗଢ଼ାଯାଏ ସୁନ୍ଦର ସୁନ୍ଦର ଆଦିବାସୀ ଶିକ୍ଷିତ ଗୋଷ୍ଠୀ, କୁଳମଣି ପାତ୍ର, ସେ ମଧ୍ୟ ମୋର ଜଣେ ନିକଟର ଭାଇ । କିସ୍‌ରେ ପାଠ ପଢ଼ି ସେ ଆଜି ଶିକ୍ଷକ ଭୂମିକାରେ ଏମ୍ ରାମପୁର ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ । ଦେବାର କଳା ଯେମିତି ରହିଛି କିସ୍ ମାଟିରେ, ନିଃସ୍ୱାର୍ଥପର ସାଧନାରେ ଯେପରି ଏଠାକାର କୋଣ ଅନୁକୋଣ ଉଦ୍‌ବୁଦ୍ଧ । କିସ୍‌ର ପ୍ରତିଷ୍ଠାତା ଆମ ପ୍ରିୟ ଅଚ୍ୟୁତ ସାମନ୍ତ ସାର୍ ଜଣେ ସ୍ୱାର୍ଥହୀନ ସମାଜ ସେବକ । ଜୀବନର ଅର୍ଦ୍ଧେକ ସମୟ ସେ ଖାଲି ଦେଇ ଚାଲିଛନ୍ତି ସଭିଙ୍କୁ । ତାଙ୍କରି ଆଦର୍ଶକୁ ଗ୍ରହଣ କରି ନିଷ୍ଠା ଓ ଏକାଗ୍ରତାର ସହ ମୋ ଭାଇମାନେ ମଧ୍ୟ ଆଜି ଓଡ଼ିଶାର ଗର୍ବ ଓ ଗୌରବ ହୋଇପାରିଛନ୍ତି । ମୁଁ ମଧ୍ୟ ଭବିଷ୍ୟତରେ ଜଣେ ୟୁ.ପି.ଏସ୍.ସି. ଟପ୍ପର ହେବାକୁ ଇଚ୍ଛା ପୋଷଣ କରିଅଛି । କିସ୍ ଓ ସମାନ୍ତ ସାର୍‌ଙ୍କଠାରୁ ମୁଁ ମୋ ଭାଇମାନେ ଯାହା କିଛି ଆହରଣ କରିଛୁ ତାକୁ ସମାଜ କଲ୍ୟାଣରେ ଲଗାଇ ପାରିଲେ ନିଜକୁ ଧନ୍ୟ ମନେ କରିବୁ । ଜୀବନ ଯୁଦ୍ଧରେ ଜିତିବାର ଏକମାତ୍ର ଚାବିକାଠି ହେଉଛି ନିଜ ଉପରେ ଭରସା ଓ ବିଶ୍ୱାସ ରଖିବା । ଯାହା ଦ୍ୱାରା ନିଜେ ଉପକୃତ ହେବା ସହ ଅନ୍ୟର ସ୍ୱପ୍ନକୁ ମଧ୍ୟ ସାକାର କରିପାରିବା, ଦେଇପାରିବା ଅନେକ କିଛି ସମାଜକୁ । ସତ୍ୟର ଅନୁସନ୍ଧାନ ପଥରେ ଅଗ୍ରସର ହେଉଥିଲେ ନିଶ୍ଚିତ ମିଳିବ ଆତ୍ମ ତୃପ୍ତି । ଯାହା ଦ୍ୱାରା ଉପକୃତ ହେବ ସାରା ଦୁନିଆ ।

କଥାରେ ଅଛି- "ସମସ୍ୟା ଜୀବନର ଶେଷ ପାହାଚ ହୋଇନଥାଏ, ବରଂ ସେହିଠାରୁ ହିଁ ନୂଆ ଜୀବନର ଅୟମାରମ୍ଭ ହୁଏ ।" ମିଳେ ଖାଲି ସାହସ, ଧୈର୍ଯ୍ୟ ଓ ଆତ୍ମତୃପ୍ତି, ଯାହା କିସ୍ ଦେଇଛି ଆମକୁ ଆମେ ମଧ୍ୟ ସେହି କଳାରେ ଅନୁପ୍ରାଣିତ ହୋଇ ବାଣ୍ଟି ଚାଲିବୁ ସାରା ଦୁନିଆରେ ସେହି ବଣମଲ୍ଲୀର ବାସ୍ନା । ଆଉ ଜଣେଇଦେବୁ, ସେ ବାସ୍ନାରେ କେତେ ମଧୁରତା ଭରି ରହିଛି ।



# ସଦ୍‌ଭାବନାର ଭାବନାକୁ ବୃଦ୍ଧି କରନ୍ତି ପଡ଼ୋଶୀ

**ପିଙ୍କି ସାରକା**

କେହି ରହି ନାହିଁ ରହିବ ନାହିଁ ଟି, ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ଅଭିନୟ ସାରି, ବାହୁଡ଼ିବେ କାଳ ବଳେ ॥

ସର୍ବେ ଏ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରି ନିଜର ଅଭିନୟ ସାରି କାଳର କବଳରେ କବଳିତ ହୋଇଥାନ୍ତି । କିନ୍ତୁ ଯିଏ ଭଲ ଅଭିନୟ କରିଥାଏ ନିଃସ୍ୱାର୍ଥପର ଭାବରେ ଅନ୍ୟର ମନକୁ କିଣିଥାଏ ସେ ସଭିଙ୍କ ପାଖରେ ଚିରସ୍ମରଣୀୟ ହୋଇଥାଏ । ସେ ଗୋଟେ ଭଲ ଲୋକଟି ହୋଇଥାଉ, ପରିବାର ସଦସ୍ୟ ହୋଇଥାଉ ଅଥବା ଗୋଟେ ଭଲ ପଡ଼ୋଶୀ ହୋଇଥାଉ । ନିଜେ ଏବଂ ନିଜ ପରିବାର ପାଖରେ ସମସ୍ତେ ତ ଭଲ କିନ୍ତୁ ସମାଜରେ ବାସକରି ଗୋଟେ ଭଲ ପଡ଼ୋଶୀ ଯେ ହେବା କଷ୍ଟସାଧ୍ୟ । ପରିବାର ବ୍ୟତୀତ କେହି ଯଦି ସଙ୍କଟ ସମୟରେ ସାହାଯ୍ୟ କରେ ଏବଂ ସୁଖ ଦୁଃଖରେ ସାଥିରେ ଥାଇ ଗୋଟିଏ ପରିବାରର ବାତାବରଣ ସୃଷ୍ଟି କରେ ସେ ପଡ଼ୋଶୀ । ତା ପାଖରେ ସହାନୁଭୂତି, ସହଯୋଗ, ବିନମ୍ରତା ବନ୍ଧୁତ୍ୱପୂର୍ଣ୍ଣ ପରି ଗୁଣ ରହିଥାଏ । ଗୋଟେ ଭଲ ପଡ଼ୋଶୀର ମହତ୍ତ୍ୱ ଜୀବନରେ ସୁରକ୍ଷା, ସହଯୋଗ ଏବଂ ସାମାଜିକ ସମର୍ଥନ ପାଇଁ ବହୁତ ଅଧିକ । ଆପାତକାଳୀନ ସ୍ଥିତିରେ ସବୁଠୁ ପ୍ରଥମ ସାହାଯ୍ୟ କରିଥାଏ । ନଥିବା ସମୟରେ ଘରର ଦେଖାଶୁଣା କରିଥାଏ ଏବଂ ସାମାଜିକ ସମ୍ପର୍କକୁ ମଜଭୂତ କରି ଏକାପଣକୁ ଦୂର କରିଥାଏ । ସବୁଠାରୁ ବଡ଼କଥା ସଦ୍‌ଭାବନାର ଭାବନାକୁ ବୃଦ୍ଧି କରିଥାଏ । କିଛି ସାମାନ୍ୟ ତତ୍ତ୍ୱ ମିଶି ଗୋଟିଏ ସମୁଦାୟକୁ ଏକ ବାଞ୍ଛନୀୟ, ରହିବା ଯୋଗ୍ୟ ଏବଂ ଗୋଟେ ଭଲ ପଡ଼ୋଶୀ କରିଥାଏ । ଘରୋଇ ସହାୟତା କ୍ଷେତ୍ରରେ ପରିବାର ପରେ ପଡ଼ୋଶୀ ଗୋଟେ ଭଲ ବନ୍ଧୁ । ଫରକ୍ ଏତିକି ପଡ଼ୋଶୀ ଶାରୀରିକ ରୂପରେ ଆମର ନିକଟରେ ଥାନ୍ତି । କିନ୍ତୁ ବନ୍ଧୁ ବା ସାଙ୍ଗଠାରେ କେବଳ ଭାବନାତ୍ମକ ଏବଂ ଭରସା ଯୋଗ୍ୟ ସମ୍ପର୍କ ଥାଏ ।

ମୋ ପଡ଼ୋଶୀଙ୍କ ସହ ଏକ ଅନୁଭୂତି ବିଷୟରେ କହୁଛି । ୨୦୨୫ ମସିହା । ଗ୍ରୀଷ୍ମ ଅବକାଶରେ ମୁଁ ମୋ ବାପାଙ୍କ ସହିତ ପ୍ରତିବର୍ଷ ପରି ଛୁଟି କଟାଇବା ପାଇଁ ଗାଁକୁ ଯାଇଥାଏ । ଘରେ ପହଞ୍ଚୁ ପହଞ୍ଚୁ ରାତି ହୋଇଯାଇଥାଏ । ମାଆ ରୋଷେଇ କରି ରଖିଥାଏ । ଖାଇ ସାରି ଶୋଇବାକୁ ଗଲି । କିନ୍ତୁ ଅପେକ୍ଷା ସେହି ନୂଆ ସକାଳକୁ । କେମିତି ରାତି ପାହିବ ଆଉ ମୁଁ ରୀମା ସହ ଦେଖା କରିବି । ରାତିସାରା ଆଖିରେ ନିଦ ନାହିଁ । ଭାସି ଉଠିଲା ସେହି ପୁରୁଣା ଛବିଗୁଡ଼ିକ । ୧୨/୧୩ବର୍ଷ ବିତି ଯାଇଥିଲେ ବି କାଲି ସକାଳ ପରି ମନେ ହୁଏ । ମୁଁ କିସ୍ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢ଼େ । ଆଜି ଯଦି ବଞ୍ଚିଛି ଆଉ କିଛି ସ୍ୱପ୍ନ ଦେଖୁଛି ମୋ ସାଙ୍ଗ ରୀମାର ମାଆଙ୍କ ପାଇଁ । ଯେତେବେଳେ ମୋତେ ୮ମାସ ହୋଇଥାଏ ମୋ ବାପା କୌଣସି ରୋଗରେ ପଡ଼ି ପଙ୍ଗୁ ପ୍ରାୟ ହୋଇଗଲେ । ଅଭାବୀ ସଂସାରକୁ ଚଳାଇବା ପାଇଁ ମାଆ ବାହାରିଲା ବାହାରକୁ ହେଲେ ମୋତେ କାହା

ପାଖରେ ଛାଡ଼ିବ, ନବ ବା କୁଆଡ଼େ। ସେତେବେଳେ ରୀମା ମଧ୍ୟ ମୋ ବୟସର ଥାଏ। ଆମ ପଡ଼ୋଶୀ ମୋ ଖୁଡ଼ି ହିସାବ ହେବେ। ମାଆର ଦୁଃଖ ଦେଖି ମୋତେ ତାଙ୍କ ପାଖରେ ଛାଡ଼ିଯିବା ପାଇଁ କହିଲେ। କିନ୍ତୁ ଗାଁ ର ପଡ଼ୋଶୀମାନଙ୍କ ପ୍ରତି ମନରେ ଯେଉଁ ଅବିଶ୍ୱସନୀୟ ଧାରଣା ମାଆକୁ ବିଚଳିତ କରି ପକାଉଥିଲା। ସମୟ ପରିସ୍ଥିତିକୁ ନେଇ ମାଆ ଛାଡ଼ିଯାଏ ତାଙ୍କ ପାଖରେ। ନିଜର ସ୍ତନ୍ୟ ପାନ କରାଇ ନିଜ ଝିଅ ରୀମା ପରି ମୋର ମଧ୍ୟ ଯତ୍ନ ନେଲେ। ଧୀରେ ଧୀରେ ମୁଁ ମୋ ମାଆ ଅପେକ୍ଷା ଖୋଜିଲି କୁନି ଖୁଡ଼ିର କୋଳ। ମାଆର ପରିଭାଷା କହିଲେ ବୁଝିଲି କୁନି ଖୁଡ଼ି। ପୂର୍ଣ୍ଣିମାର ଶଶୀ ପରି ରୀମା ଆଉ ମୁଁ ବଢି ଚାଲିଲୁ। ମାଆ ମଧ୍ୟ କାମ କରି ଯାହା ଆଣେ ଦୁଇ ଜଣଙ୍କ ପାଇଁ ଆଣେ। ଦୁଇ ପରିବାର ଗୋଟେ ପରିବାର ପରି ଚଳିଲୁ। ହୁଏତ ଏତେ ଖୁସି ଭଗବାନ ସହି ପାରିଲେନି। ଖେଳିଗଲା ଦୁଇ ପରିବାର ମଧ୍ୟରେ କଳାବାଦଲ। କୌଣସି ଭୁଲ୍ ବୁଝାମଣାରୁ ସୃଷ୍ଟି ହେଲା ଦୁଇ ପରିବାର ମଧ୍ୟରେ ଶତ୍ରୁତା। ଦୁଇ ପରିବାର ଦୁହିଁଙ୍କ ରକ୍ତରେ ଖେଳିବାର ନେଲେ ଶପଥ। ରୀମା ମୁଁ ମଧ୍ୟ ହୋଇଗଲୁ ଅଲଗା। ମୁଁ ଆସିଲି ଭୁବନେଶ୍ୱର ଆଉ ରୀମା ଗାଁର ଏକ ବିଦ୍ୟାଳୟରେ ପଢ଼ିଲା। ଦିନେ ଆମ ବିଦ୍ୟାଳୟରେ ଗୋଟେ ସଭା ଚାଲିଥାଏ। ଆଉ କଥା ଥିଲା ମୋ ସାମନ୍ତ ସାର୍‌ଙ୍କର। ଆଜି କାହିଁକି ପ୍ରତିଟି ମୁହୂର୍ତ୍ତରେ ଅପେକ୍ଷା ଥାଏ ଆମ ସାର୍‌ଙ୍କ ପାଇଁ। ତାଙ୍କୁ ଦେଖିବୁ ଦୁଇପଦ କଥା ଶୁଣିବୁ। ସେଦିନ ମଧ୍ୟ ସାର୍ ମୋର ତାଙ୍କ ମିଠା କଥା କହୁଥାନ୍ତି ଆଉ ଆମ୍ଭେମାନେ ଚାତକ ପରି ଚାହିଁ ରହିଥାଉ। ସାର୍‌ଙ୍କ କଥାରୁ ମୁଁ ବୁଝିଲି ଗୋଟିଏ ଶବ୍ଦରେ କହିବାକୁ ଗଲେ ସମର୍ପଣ। ଏହି ସମର୍ପଣ ଭାବ କାହାକୁ ଛୋଟ କି ବଡ଼ କରିଦିଏନି। ହୁଏତ ସମର୍ପିତ ଲୋକଟି ଟିକେ କଷ୍ଟ ପାଏ। କିନ୍ତୁ ପରେ ଆନନ୍ଦଟା ତାକୁ ସ୍ୱର୍ଗ ସୁଖ ଦିଏ। ସାର୍‌ଙ୍କର ଦେବାର କଳାଟା ଯେ କେତେବେଳେ ପଦେ କଥାରେ ତ କେତେବେଳେ ଟିକିଏ ଆଉଁଷା ସ୍ପର୍ଶରେ କେତେବେଳେ ମିଠା ହସରେ। ସାର୍‌ଙ୍କର ଏଇ ପଦଟି କଥା ଆଜି ମୋତେ ପ୍ରେରିତ କରିଛି ଦୁଇ ପରିବାରକୁ ମିଶେଇବାକୁ। ଦୁଇ ପଡ଼ୋଶୀ ପୁଣି ଦୁଇ ପରିବାର ହୋଇ ରହିବାକୁ। ଅପେକ୍ଷା ସିନ୍ଦୂରା ଫାଟିବାକୁ। ଏଇ ସବୁ ଭିତରେ କାଉ ର କା.. କା.. ରାବକୁ ମୋ ନିଦ ଭାଙ୍ଗିଛି। ମୁହଁ ଧୋଇ ବ୍ରସ କରି ଚାଲିଲି ଏକ ମହାନ୍ ଉଦ୍ଦେଶ୍ୟରେ। ଆଗରେ କୁନି ଖୁଡ଼ି। ଦେଖି ଆଖି ଲୁହରେ ଆସିଗଲା। ଖୁଡ଼ି ମଧ୍ୟ ମୋତେ ଚାହିଁ ରହିଥାନ୍ତି। ଅନୁଭବ କଲି ଆଜି ବି ଖୁଡ଼ି ମୋତେ ଯେମିତି କୋଳରେ ଚାପି ଧରିବା ପାଇଁ ବ୍ୟାକୁଳ। ଆଉ ଡେରି ନକରି ସଙ୍ଗେ ସଙ୍ଗେ ଖୁଡ଼ିର ପାଦ ଛୁଇଁ ପ୍ରଣାମ କଲି। କେମିତି ଅଛ ବୋଲି ପଚାରିଲି। ଖୁଡ଼ି ଟିକେ ଏପଟୁ ସେପଟକୁ ଚାହିଁ ମୋତେ ଟାଣି ନେଲେ ତାଙ୍କ କୋଳକୁ। ଗେଲ ଟିକେ କରି ଯା ଯା ତୁ ପଳା। କହି ତରତର ହୋଇ ଚାଲିଗଲେ। ଓଃ କି ଆତ୍ମତୃପ୍ତି। ଇଚ୍ଛା ହେଉଥିଲା ଯଦି ସେଇ ଦେବତୁଲ୍ୟ ମୋ ସାମନ୍ତ ସାର୍ ପାଖରେ ଥାଆନ୍ତେ ପାଦ ଧରି ଧନ୍ୟବାଦ୍ ଦେଇଥାନ୍ତି। ସାର୍ ଆପଣଙ୍କୁ ପଦିଏ କଥା ଆଜି ଗୋଟେ ମାଆ ଗୋଟେ ଭଲ ପଡ଼ୋଶୀକୁ କିପରି ମିଳେଇବାର ପଥ ପ୍ରଦର୍ଶକ ହୋଇଛି। ଆଖିରୁ ଲୁହ ପୋଛି ମନରେ ସଙ୍କଳ୍ପ କଲି। ଜ୍ୱଳନ୍ତା ନିଆଁ ମଧ୍ୟରେ ମଧ୍ୟ ମାତୃତ୍ୱର ଶୀତଳତା ଅଛି। ରୀମାର ମୋର ମିଶି ଲାଗି ପଡ଼ିଲୁ ଦୁଇ ପରିବାରକୁ ମିଶେଇବାରେ ସଫଳ ମଧ୍ୟ ହେଲୁ। ଏହି ଜିତ୍‌ରେ ନା ଥିଲା ଅସ୍ତ୍ର, ନା ଥିଲା ଟଙ୍କାର ଖର୍ଚ୍ଚ, ଥିଲା କେବଳ ହୃଦୟର ବ୍ୟାପକତା। ପୁଣି ଦୁଇ ପରିବାର ଏକାଠି ହେଲୁ। ସମୟ ସରିଛି। ସ୍କୁଲ ଖୋଲିଛି। ଟ୍ରେନ୍‌ର ଛକ୍ ଛକ୍ ଶବ୍ଦରେ ଭାସି ଆସି ଶୀତଳ ପବନଟା ମନକୁ ଯେମିତି ଶୀତଳ କରିଦେଇଛି। ଆଉ ଆଖି ଆଗରେ ଭାସିଯାଉଛି ଖାଲି ମୋ ସାର୍‌ଙ୍କ ମୁହଁ। ଏମିତି ଲୋକ ଅଛନ୍ତି ଜୀବନରେ କେବଳ ଦେଇ ଜାଣିଛନ୍ତି। ପୁଣି ଟିକିଏ ହସରେ। ପଦିଏ କଥାରେ ଆଜି ଭାରି ଆତ୍ମତୃପ୍ତି ଥାଏ। ଆଜି କୌଣସି ବହୁଦିନର ସମ୍ପର୍କ ଆଜି ଯୋଡ଼ି ହୋଇ ଦୁଇ ପଡ଼ୋଶୀ ପୁଣି ଗୋଟେ ପରିବାର ହେଲା। ଦୁହେଁ ଦୁହିଁଙ୍କ ଆବଶ୍ୟକତାର କାରଣ ହେଲେ।

କିଏ କାହାକୁ କେମିତି କଣ ଦେବ ତା ଉପରେ ନିର୍ଭର କରେ। କେତେବେଳେ ହଜାର ହଜାର କୁନି ପିଲାଙ୍କ ଓଠରେ ହସ ଢାଳି ଦିଏ ତ କେଉଁଠି ଅନ୍ଧଟିକୁ ଚକ୍ଷୁ ଦାନ କରି ନୂଆ ଆଲୋକ ଦେଖାଏ। କେତେବେଳେ ଦୁଆର ଝାଡୁଦାରଟିକୁ ବିସ୍କୁଟ, ପାଣି ଦେଇ ଆନନ୍ଦ ମିଳେ ତ କେଉଁଠି ଘରେ କାମ କରୁଥିବା ଲୋକଟିର ପିଲାକୁ ଡ୍ରେସ୍ ଖଣ୍ଡେ ଦେଇ। କେତେବେଳେ ଦୁର୍ଘଟଣାଗ୍ରସ୍ତ ଲୋକଟିକୁ ଡ଼ାକ୍ତରଖାନାରେ ପହଞ୍ଚାଇ ଆତ୍ମତୃପ୍ତି ଥାଏ ତ କେଉଁଟି ପଶୁପକ୍ଷୀଙ୍କୁ ଖାଇବାକୁ ଦେଇ। ଏସବୁ ଗୋଟେ ଗୋଟେ ଦେବାର କଳା ଗୋଟେ ହୃଦୟବାନ ଲୋକଟି ପାଖରେ ଥାଏ। ଯାହାର ହୃଦୟର ବ୍ୟାପକତା ଯେତେ ଅଧିକ ତାର ସେହିପରି ସମାଜର ସାମାଜିକତାଟା ମଧ୍ୟ ସେତେ ଅଧିକ। ତାଙ୍କୁ ତାଙ୍କର ସେହି ହସ ହସ ଦୀପ୍ତମୟ ମୁହଁଟିକୁ ଯଦି ଚିତ୍ରକରଟେ ହୋଇଥାନ୍ତି ତାହାହେଲେ ସେହି ଅପରୂପ ଚିତ୍ରଟିକୁ ଆଙ୍କି ଦେଇପାରିନ୍ତି।

ଦେବାରେ ଅଛି କେତେ ଯେ ଆନନ୍ଦ
ପଚାର ସୂର୍ଯ୍ୟ, ଚନ୍ଦ୍ର, ତାରାକୁ
ଦେବାର ମାନେ ବୁଝିବ ଯଦି
ଦେଖି ନିଅ ଥରେ ମୋ ସାମନ୍ତ ସାର୍‌ଙ୍କୁ।



# ପଡ଼ୋଶୀ ଦ୍ୱିତୀୟ ପରିବାର

ଗୋବିନ୍ଦ କିସ୍କୁ

ସମ୍ପର୍କ ଗଢ଼ା ହୁଏ ହୃଦୟରୁ ଆଉ ପହଞ୍ଚେ ସମାଜରେ । ଆଉ ଏହି ସମ୍ପର୍କଟା କେତେବେଳେ ଟିକିଏ ହସରୁ ଆରମ୍ଭ ହୁଏ ତ କେତେବେଳେ କାହାର କେଇ ପଦ କଥାରେ । କାହାର ମମତା ଭରା ସ୍ପର୍ଶରେ । ନିଜ ପରିବାର ନିଜ ସହୋଦରଙ୍କଠାରୁ ତ ମଣିଷ ଏ ସବୁ କିଛି ପାଇପାରେ । କିନ୍ତୁ ଅତିରିକ୍ତ ଏସବୁର ଯେ କାରଣ ସେ ହେଉଛନ୍ତି ଆମ ପଡ଼ୋଶୀ । ପଡ଼ୋଶୀ ଜଣେ ଭଲ ହେଲେ ଜୀବନ ସରସ ସୁନ୍ଦର ହୋଇଯାଏ । ପଡ଼ୋଶୀଙ୍କୁ ଦ୍ୱିତୀୟ ପରିବାର କହିଲେ ଭୁଲ୍ ହେବନି । ବିପଦ ଆପଦ ସୁଖ ଦୁଃଖ, ଭଲ ମନ୍ଦରେ ପରସ୍ପର ପରସ୍ପରର ସହାୟକ ହେବାର କଳାଟା ଆମେ ପ୍ରଥମେ ଆମ ପଡ଼ୋଶୀମାନଙ୍କ ପାଖରୁ ଶିଖିଥାଉ ଯାହା ଆମ ଜୀବନରେ ପ୍ରତିଟି କ୍ଷେତ୍ରରେ ସବୁ ପରିସ୍ଥିତିରେ ସାହାଯ୍ୟ କରିଥାଏ । କିନ୍ତୁ ମୋ ପାଇଁ ମୋ ପଡ଼ୋଶୀ ଆଜି ବାପା, ମାଆ ସବୁକିଛି ।

ପରିବାର କହିଲେ ମୁଁ ମୋ ବାପା, ମାଆ ଓ ମୋର ସାନ ଭାଇ । ବାପା ଯାହା ରୋଜଗାର କରନ୍ତି ସେଥିରେ ଘର ଚଳେ । ମାଆ ମଧ୍ୟ ବେଳେ ବେଳେ କାମକୁ ଯାଆନ୍ତି । ବାପାଙ୍କ ଦେହ ଖରାପ ହୋଇଗଲେ ଘର ଅଚଳ । ସେଦିନ ବାପା କ୍ଷେତରୁ କାମ ସାରି ଆସି ବାହାରି ପଡ଼ିଲେ କିଛି ହାଟ ସଉଦା ପାଇଁ । ବାପା ହାଟକୁ ଗଲେ ଆମ ପାଇଁ କିଛି ଖାଇବା ଜିନିଷ ଆଣି ଦିଅନ୍ତି । କିନ୍ତୁ ସେଦିନ ରାତି ଆସି ୯ଟା ପ୍ରାୟ ହେବ ବାପା ଆସି ନଥାନ୍ତି । ସମସ୍ତେ ତାଙ୍କର ଆସିବା ବାଟକୁ ଚାହିଁ ରହିଥାଉ ଚାତକ ପରି । ଆମ ପଡ଼ୋଶୀ ବଡ଼ ମାଆ ଆମ ଦୁଇ ଭାଇଙ୍କୁ ସ୍ନେହରେ ଡାକି ତାଙ୍କ ଘରକୁ ନେଇଗଲେ । ବଡ଼ ମାଆଙ୍କର ଦୁଇ ଝିଅ । ଆମ ଦୁଇ ଭାଇ ରାତିରେ ତାଙ୍କର ଘରେ ଥାଉ । ସାନ ଭାଇଟି ମୋର ଶୋଇ ପଡ଼ିଲା । ମୁଁ କିନ୍ତୁ ଗୋଟେ ସନ୍ଦେହ ଶଙ୍କା ଭିତରେ ଥାଏ । ବଡ଼ ମାଆ ବଡ଼ ବାପା ଆମକୁ ବାହାରୁ କବାଟ ଦେଇ ଚାଲିଗଲେ । ହଠାତ୍ ଆମ ଘର ଆଡୁ କୋଳାହଳ ଶୁଣାଗଲା । ମାଆ ମୋର ଛାତି ଫଟେଇ କାନ୍ଦୁଥାଏ । ବଡ଼ ମାଆ ତାକୁ ତୁନି କରାଉଥାଏ । କିଛି ବୁଝି ହେଉନଥାଏ । ମନ କିନ୍ତୁ ବାପାଙ୍କୁ ଖୋଜୁଥାଏ । ରାତିଟାରେ ସମସ୍ତେ ପୁଣି ଡ଼କାଡ଼କି ହୋଇ କୁଆଡ଼େ ଗଲେ । ଶୂନ୍ୟଥିଲା ଦାଣ୍ଡ, ସିନ୍ଦୂରା ଫାଟିବା ସମୟ ଆଖି ଟିକେ ଲାଗିଯାଇଥାଏ । ପୁଣି କନ୍ଦାକଟା ସ୍ୱରରେ ମୋ ନିଦ ଭାଙ୍ଗିଗଲା । ବଡ଼ ମାଆ ଆସି ଘର କବାଟ ଖୋଲିଲେ । ଆଶଙ୍କା ମନରେ ଥରି ଥରି ପାଦରେ ପାଦ ଥାପିଲେ ଆମ ଦୁଆରରେ ଧଳା କପଡ଼ା ଘୋଡ଼େଇ ହୋଇ ଜଣେ କିଏ ଶୋଇଥାଏ । ମାଆର ହୃଦୟ ବିଦାରକ କାନ୍ଦ ଛାତିଥରା ଦୃଶ୍ୟ । ମାଆ ଦୌଡ଼ି ଆସି ମୋତେ କୁଣ୍ଢାଇ ବାବୁରେ ସବୁ ସରିଗଲା କହି ଜୋର ଭିଡ଼ିଧରି କାନ୍ଦିବାକୁ ଲାଗିଲା । ଆଖି ଖୋଜୁଥାଏ ବାପାଙ୍କୁ । ପବନର ଝଟ୍‌କାଟା

ଦେଖାଇଥିଲା ମୋ ବାପାଙ୍କୁ । ଧଳା ପରଦା ତଳେ ଶୋଇଥିବା ଲୋକଟି ଥିଲେ ମୋ ବାପା । ରାତିରେ ହାଟରୁ ଫେରୁଥିବା ସମୟରେ ନାଳରେ ଅଧିକ ପାଣିଥିବା କାଠ ପୋଲଟି ଭାଙ୍ଗି ପଡ଼ିଥିଲା । ଆଉ ବାପା ପାଣି ଭିତରେ ପଡ଼ି ଏ ଦଶା । ଡ଼ାକ୍ତରଖାନାରେ ପହଞ୍ଚିଲା ବେଳକୁ ସବୁ ଶେଷ । ସ୍ଥାଣୁ ପ୍ରାୟ ଛିଡ଼ା ହୋଇଥାଏ ବୁଝି ପାରୁନଥାଏ କଣ ଗୋଟେ ରାତିକ ଭିତରେ ଘଟିଗଲା । ସୂର୍ଯ୍ୟଙ୍କ ଆଡ଼େ କଳାମେଘ ଖଣ୍ଡେ ଯେମିତି ଢାଙ୍କି ଦେଇଛି । ମାଆ ମୂର୍ଚ୍ଛା ହୋଇଯାଉଥାଏ । ଦାଣ୍ଡରେ ଛାତିଫଟା ପରିବେଶ ।

ସାନ ଭାଇ ତାର ବାପାଙ୍କ ଉପରେ ବସି ଖେଳୁଥାଏ । ବଡ଼ମାଆ ମୋତେ ମାଆ ପାଖରୁ ଟାଣି ଆଣି ବୁଝେଇବାରେ ଲାଗିଥାଏ । ସବୁ କାମ ସରିଲା, ଯେଝା ବାଟରେ ଯେଝା ଗଲେ । କଷ୍ଟ ମଷ୍ଟେ ବିତି ଚାଲିଥାଏ ଦିନଗୁଡ଼ିକ ବଡ଼ ମାଆ ଘର ଖାଇବା ପିଇବାକୁ ଦିଅନ୍ତି । ସାହା ହୁଅନ୍ତି । ସବୁଦିନ ରାତି ପାହି ସକାଳ ହେଲା ପରି ସେଦିନ ମଧ ରାତି ପାହି ସକାଳ ହେଲା । ହେଲେ ସେ ସକାଳ ଥିଲା ହୃଦୟ ବିଦାରକ । ବାପାଙ୍କ ଯିବାର ତିନି ମାସ ପରେ ପ୍ରତିଦିନ ପରି ମାଆ ସକାଳ ଉଠି ଝାଡୁ ମାରେ, ସେଦିନ ବି ଝାଡୁ ମାରୁଥିଲା । ଅଳସ ଦେହର ମଜରା ଆଉ ଟିକେ ଶୋଇବାକୁ ମୋତେ କହୁଥାଏ । ମାଆକୁ ଦେଖି ମୁଁ ଶୋଇ ପଡ଼ିଲି । ନିଦ ଭାଙ୍ଗି ବାହାରକୁ ଆସି ମୁହଁ ଧୋଇ ଦେଖେ ତ ଘର ଭିତରେ କଣ ଗୋଟେ ଝୁଲିଛି । ମାଆ ମାଆ ଡ଼ାକି କଣ ଦେଖିବାକୁ ଗଲି, ହେଲେ ଯାହା ଦେଖିଲି ପାଦତଳୁ ମାଟି ଖସିଗଲା । ସେ ଝୁଲନ୍ତା ଶରୀରଟି ଥିଲା ମୋ ମାଆର । ସ୍ଥାଣୁ ପ୍ରାୟ ମୁଁ । ଦୌଡ଼ିଯାଇ ବଡ଼ ମାଆର ଦୁଆର ମୁହଁରେ ଥପ୍‌କିନା ବସିପଡ଼ିଲି । ବଡ଼ ମାଆ ସକାଳୁ ବାସି କାମ କରୁଥାଏ । ମୋର ଏପରି ବସିବା ଦେଖି ସେ ଜାଣିଗଲା କିଛି ଗୋଟେ ହୋଇଛି । ମୋତେ ଧରି ଚାଲିଲା ଆମ ଘର ଆଡ଼େ । ସବୁ ଦେଖି ମୋ ମୁହଁ ତା ଛାତିରେ ଚାପି ଧରିଲା ।

ଗୋଟେ ପରେ ଗୋଟେ ଡ଼ାଳ ଭାଙ୍ଗି ଚାଲିଥାଏ । ସବୁ କାମ ସରିଲା । ଆମ ଘର ଛାଡ଼ି ବଡ଼ ମାଆ ଘରେ ରହିଲୁ । ପଡ଼ୋଶୀ ନୁହେଁ ଗୋଟେ ମାଆ ହୋଇ ଆମର ଦେଖା ଶୁଣା କଲେ । ପରେ ବଡ଼ ବାପା ଭୁବନେଶ୍ୱର ସ୍ଥିତ କିସ୍ ବିଦ୍ୟାଳୟ ବିଷୟରେ ଖବର ପାଇଲେ । ସାମନ୍ତ ସାର୍‌ଙ୍କ ପରି ଲୋକଟି ବିଷୟରେ ଜାଣିଲେ । ବୁଝାଶୁଝା କରି ସେହି ବିଦ୍ୟାଳୟରେ ଆମ ଦୁଇ ଭାଇଙ୍କୁ ନାମ ଲେଖାଇଲେ । ଗୋବିନ୍ଦ କିସ୍‌କୁ ଦେଖାହେଲା, ସେହି ଦେବତାଙ୍କ ସହ ସାମନ୍ତ ସାର୍‌ଙ୍କ ବିଷୟରେ ଯାହା ଶୁଣିଥିଲି ସତରେ ତାଙ୍କ ନୀତି ଆଦର୍ଶ ଥିଲା ସ୍ୱତନ୍ତ୍ର । ଭଗବାନ ବୋଧେ ଏତେ ସୁଖ ସହି ପାରିଲେନି କିଛି ଦିନ ପରେ ବିଦ୍ୟାଳୟରେ ଥିବା ସମୟରେ ଖବର ଆସିଲା । ଆମର ଆଶ୍ରୟ ଦେଇଥିବା ଜଣେ ପଡ଼ୋଶୀ ପର ହୋଇ ବି ଆପଣାଠୁ ଅଧିକ ବଡ଼ ବାପା ଚାଲିଗଲେ । ବହୁତ କାନ୍ଦିଲି ମୋ ସାମନ୍ତ ସାରଙ୍କ ଗୋଟେ କଥା ମନେ ପଡ଼ିଲା କୃତଜ୍ଞ ହୁଅ କୃତଘ୍ନ ହୁଅ ନାହିଁ ।

ସମୟରେ ଆସିଲା ଋଣ ଶୁଝିବାର ଗୋଟେ ପୁଅର କର୍ତ୍ତବ୍ୟ କରିବାର । ବଡ଼ ବାପାଙ୍କର କେହି ପୁଅ ନଥିବାରୁ ମୁଁ ଶୁଦ୍ଧି କ୍ରିୟା କଲି । ବିଦ୍ୟାଳୟରୁ ଅନୁମତି ନେଇ ଗାଁରେ ପହଞ୍ଚି ବଡ଼ ମାଆର ସାହା ହେଲି, ପୁଅର କାର୍ଯ୍ୟ ନିର୍ବାହ କଲି । ପୁନଃ ବିଦ୍ୟାଳୟକୁ ଫେରି ଆସିଲି । ବିଛଣା ଉପରେ ପଡ଼ି ପଙ୍ଖାଟାକୁ ଚାହିଁ ରହିଥାଏ । କୁଟ ନଥାଏ ରାତି । ସବୁ ଦୃଶ୍ୟଗୁଡ଼ାକ ଯେପରି ଭାସିଯାଉଛି ଆଖି ଆଗରେ । ଆଉ ଶପଥ ନେଲି ଜୀବନ ସାରା ବଡ଼ ମାଆକୁ କେବେ ଛାଡ଼ିବିନି । ଗୋଟେ ପୁଅ ପରି ତା ପାଖରେ ଠିଆ ହେବି ।



# ପଡ଼ୋଶୀ ଶବ୍ଦଟି ଛୋଟ- ଅର୍ଥ ବ୍ୟାପକ

**ରୂପାଲି ନାଏକ**

ଦୀପରେ ସଳିତାଟି ନିଜେ ଜଳି ଅନ୍ୟକୁ ଆଲୋକ ଦେବାର କଳା ଏବଂ ଗଛରେ ଫଳ ଫଳି ଅନ୍ୟକୁ ଆନନ୍ଦ ଦେବାର କଳା, ସଭିଙ୍କ ପାଖରେ ରହିବା ଦରକାର। ଯାହାଦ୍ୱାରା ମଣିଷ ଜୀବନ ସାର୍ଥକ ହୋଇଥାଏ। ଆଉ ତାର ଆରମ୍ଭ ଆମର ଆଖପାଖ ଲୋକଙ୍କ ଠାରୁ ଆରମ୍ଭ ହୋଇଥାଏ। ମଣିଷ ଯଦି ନିଜ ପରିବାର ବ୍ୟତୀତ କାହାକୁ ବିଶ୍ୱାସ ଭରସା କରିଥାଏ, ସେ ହେଉଛନ୍ତି ଆମ ପଡ଼ୋଶୀ। ଏହି ପଡ଼ୋଶୀଙ୍କୁ ସାହାଯ୍ୟ କରିବା ବିପଦରେ ସାହା ହେବା, ସୁଖ ଦୁଃଖରେ କାନ୍ଧରେ କାନ୍ଧ ମିଳେଇବା। ଦିନେ ତାକୁ ବିଶ୍ୱର ମହତ୍ କାର୍ଯ୍ୟ କରିବାରେ ସହାୟକ ହୋଇଥାଏ।

ବିଶ୍ୱର ଗୋଟେ ଦର୍ପଣ ହୋଇଯାଏ। ଆମ ପଡ଼ୋଶୀମାନଙ୍କ ସହ ଯେଉଁ ବାତାବରଣ ତିଆରି ହୋଇଥାଏ ସେଥିରୁ ଗୋଟେ ସୁନ୍ଦର, ସୁସ୍ଥ ସମାଜ ମଧ୍ୟ ସୃଷ୍ଟି ହୋଇ ପରସ୍ପର ମଧ୍ୟରେ ଗୋଟେ ଭାଇଚାରାର ସମ୍ପର୍କ ସୃଷ୍ଟି କରିଥାଏ। ନିଜେ ପଡ଼ୋଶୀକୁ ନେଇ ଗର୍ବ କରିଥାଏ। କାହାର ପରିଚୟ ହୋଇଥାଏ। ଯେପରି କୌଣସି ଦେଶର ଗୌରବ ସେହି ଦେଶର ଲୋକ ଚରିତ୍ର ଉପରେ ନିର୍ଭର କରିଥାଏ। ଆଉ ସେହି ଚରିତ୍ରର ପ୍ରଥମ ବୀଜ ନିଜେ ପଡ଼ୋଶୀଙ୍କଠାରୁ ବୁଣା ହୋଇଥାଏ। ଶବ୍ଦଟି ଛୋଟ ହେଲେ ମଧ୍ୟ ଅର୍ଥଟି ବ୍ୟାପକ। ଏମିତି ଜଣେ ଲୋକ ପିଲାଟି ବେଳରୁ ନିଜ ପଡ଼ୋଶୀଙ୍କୁ ସାହାଯ୍ୟ କରିବାର କଳାଟା ଏତେ ବଢ଼ି ଯାଇଥିଲା ଯେ ଆଜି ଜଣେ ବିଶ୍ୱର ଦର୍ପଣ, ଅନ୍ୟର ଆଦର୍ଶ, ଜୀବନରେ କେବଳ ଅନ୍ୟକୁ ବିଭିନ୍ନ ତରିକାରେ ଦେବାର କଳାରେ ଅଭ୍ୟସ୍ତ ହୋଇଗଲେ। ସେ ହେଉଛନ୍ତି ମୋ ପ୍ରିୟ ସାମନ୍ତ ସାର୍। ଯେହେତୁ ମୁଁ ତାଙ୍କ 'କିସ୍' ପରିବାରର ଗୋଟେ ସଦସ୍ୟ ମୁଁ ମଧ୍ୟ ପ୍ରଭାବିତ ସାରଙ୍କ ଉଦ୍ଦେଶ୍ୟ ଆଦର୍ଶରେ। ଆଉ କାର୍ଯ୍ୟରେ ମଧ୍ୟ ଲଗେଇ ଥିଲେ।

ସେଦିନ ସେହି ରାତି କଥା ଭାବିଲା ବେଳକୁ, ଲୋମ ଟାଙ୍କୁରି ଉଠୁଛି। ବର୍ଷା ଆକାଶ ଫଟୋ। ସମୟ ପ୍ରାୟ ରାତି ୧୦ଟା କି ୧୧ଟା ହେବ। ଗାଁ କଥା। ସମସ୍ତ ପ୍ରାୟ ଖାଇ ପିଇ ଅଧ ନିଦରେ ଶୋଇଲେଣି। ହଠାତ୍ କାନ୍ଦିବା ଶବ୍ଦ ଶୁଣାଗଲା। ଶୁଣି ବାପା, ମାଆ ସମସ୍ତେ ବାହାରକୁ ଆସିଲେ। ମୁଁ ମଧ୍ୟ ଆସିଲି। ଦେଖିଲା ବେଳକୁ ଆମ ଘର ଆଗ ମୋ ବଡ଼ ମାଆ ଛାତି ଫଟେଇ କାନ୍ଦୁଥିଲେ। ଲାଗୁଥିଲା ଯେପରି ସୂର୍ଯ୍ୟର କିଛି ଅଂଶ ଭାଙ୍ଗି ପଡ଼ିଥିଲା। ସାଗର ହୃଦୟରେ ଯେମିତି ଗୋଟେ ଉଥଳ ପୁଥଳ ହେଉଥିଲା। ସମସ୍ତେ ଧାଇଁ ଆସିଲେ। ଜଣା ପଡ଼ିଲା ବଡ଼ ମାଆ ଘରେ ସମସ୍ତେ ବାହାରେ ରୁହନ୍ତି। ତାଙ୍କର ଦୁଇଟି ପିଲା। ବଡ଼ ବାପା ମଦ ପିଇ ତାଙ୍କ ବଡ଼ ପୁଅର କୁନି ଝିଅକୁ ପେଲି ଦେଇଥାଏ, ଯେ ମୁଣ୍ଡ କାନ୍ଥରେ ପିଟି ହୋଇ ବେହୋସ ହୋଇଯାଇଥାଏ। ମୁଣ୍ଡରୁ ରକ୍ତ ସେପରି ବୋହୁଥାଏ। ହେଲେ ପାଖରେ ଡ଼ାକ୍ତରଖାନା ନଥାଏ। ତା

ଉପରେ ଏମିତି ବର୍ଷା ସମସ୍ତେ ପଛ ଘୁଞ୍ଚା ହେଉଥିଲେ। ଭାଉଜ ଆଉ ବଡ଼ ମାଆଙ୍କ ଅବସ୍ଥା ନ କହିଲେ ଚଳେ। ଉପର ବର୍ଷା ଅପେକ୍ଷା ଆଖିର ବର୍ଷା ତାଙ୍କୁ ଅଧିକ ଭିଜଉଥିଲା। ମନ ବିଚଳିତ ହେଉଥିଲେ ମଧ୍ୟ ନିରୁପାୟ। ଘର ଭିତରକୁ ଗଲି। ସାର୍‌ଙ୍କ ଗୋଟେ କଥା ମନେ ପଡ଼ିଲା ଦେବା ଛୋଟ ବଡ଼ କମ୍, ବେଶୀ କିଛି ନଥାଏ। ଯାହାର ଯେତିକି ସାମର୍ଥ୍ୟ ଯେତିକି କରିପାରିବ ନିଶ୍ଚୟ କରିପାରିବ। କଷ୍ଟ ହେଲେ ବି ଆନନ୍ଦ ଲୁଚି ରହିଛି। ମୁଁ ଆଉ ଡ଼େରି ନ କରି ମୋ ବାପା ଯେଉଁ ଟ୍ରାକ୍ଟର ଚଲାନ୍ତି ସେଇଟା ଥିଲା। ମୋ ବାପାକୁ କୌଣସି ମତେ ରାଜି କରିଦେଲି। କିନ୍ତୁ ଏତେ ବର୍ଷା ଯୋଗୁଁ ରାସ୍ତା ସାରା ଗଛ ଭାଙ୍ଗି ପଡ଼ିଥାଏ। ଯେଉଁଥି ପାଇଁ  ଡ଼ାକ୍ତରଖାନାରେ ପହଞ୍ଚିବା ପାଇଁ ବାଧକ ସାଜୁଥିଲା। ମୁଁ ନିଜେ ଯାଇ ଡ଼ାଳ ଉଠେଇବାକୁ ଲାଗିଲି। ଭାଉଜ, ବଡ଼ ମାଆ, ବାପା ସମସ୍ତେ ମଧ୍ୟ ଲାଗି ପଡ଼ିଥାନ୍ତି।

ରକ୍ତ ଜୁଡୁବୁଡୁରେ ରୀମା। ବର୍ଷା ଯୋଗୁଁ ବାପା ମଧ୍ୟ ଗାଡ଼ି ଚଳାଇବାକୁ ଟିକେ ଅସୁବିଧା ହେଉଥିଲା। ଶେଷରେ ଆମେ ଡ଼ାକ୍ତରଖାନାରେ ପହଞ୍ଚିଲୁ। ଭଗବାନଙ୍କ କୃପାରୁ ସବୁ ଠିକ୍ ହୋଇଗଲା। ବାପାଙ୍କଠୁ କିଛି ପଇସା ମାଗିନେଇ ବଡ଼ ମାଆ, ବାପାଙ୍କ ପାଇଁ ଚାହା ଆଣିଦେଲି। ରାତିପାହି ସକାଳ ହେଲା। ଔଷଧ ନେଇ ଘରକୁ ଆସିଲୁ ସତ କିନ୍ତୁ ମୋ ବାପା ଯାହାର ଟ୍ରାକ୍ଟର ଚଳାଉଥିଲେ ସେ ହସ୍ପିଟାଲକୁ ନେଇ ଯାଇଥିବାରୁ ପାଟି ଶୁଣିବାକୁ ପଡ଼ିଲା। ଆଉ ତାର ଅଧିକ ଟଙ୍କା ଦେବା ପାଇଁ ମଧ୍ୟ କହିଲେ। କିନ୍ତୁ ମୀରା ଠିକ୍ ସମୟରେ ହସ୍ପିଟାଲ୍‌ରେ ପହଞ୍ଚି ଭଲ ହୋଇଯିବାର ଖୁସି ଆଗରେ ଏ ଗାଳି କିଛି ନଥିଲା।

ବଡ଼ ମାଆ ପାଖରେ ଟଙ୍କା ନଥିବାରୁ ମୀରାର ସବୁ ଔଷଧ ଆସି ପାରିନଥିଲା। ଖରାବେଳେ ଯେତେବେଳେ ଦୁଆରେ ଖେଳୁଥିଲି ଶୁଣିଲି ବଡ଼ ବାପା, ବଡ଼ ମାଆଙ୍କର ଟଙ୍କା ପାଇଁ ଝଗଡ଼ା ଲାଗିଥାଏ। ମୀରାର ଔଷଧ ପାଇଁ। ତାର ବିସ୍କୁଟଟେ ଆଣିବା ପାଇଁ ମୋର କେତେଜଣ ସାଙ୍ଗ ଗାଁରେ କାମ କରିବାକୁ ଯାଆନ୍ତି। ମୁଁ ମଧ୍ୟ ତାଙ୍କ ସହ ଯିବା ପାଇଁ ବାହାରିଲି। ରାସ୍ତା କାମ ଚାଲିଥାଏ। ଆମ ଘରର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥାଏ। ଯେହେତୁ ମୁଁ ଗ୍ରୀଷ୍ମ ଛୁଟିରେ ଘରକୁ ଯାଇଥାଏ, ତ ପଇସା ଯୋଗାଡ଼ କରିବାକୁ କାମ କଲି। ଚକ୍‌ଲେଟ ଦେଲି। ମୀରା ଭାରି ଖୁସି ହେଲା। ଆଉ ମୁଁ କିଛି ଟଙ୍କା ରଖି ବଡ଼ ମାଆଙ୍କୁ ମୀରାର ଔଷଧ ପାଇଁ ଟଙ୍କା ଦେଲି। ଦିଲୁ ଭାଇ ଆସିଲେ। ମୋତେ ଦେଇ ଦେବେ କହି ବଡ଼ ମାଆ ରଖିଲେ। ଆଉ ମୀରାର ଔଷଧ ଆଣିଲେ। ମୀରାର ଆଖି ଆଗରେ ଖେଳିବା ଦେଖି ଭାରି ଖୁସି ଲାଗିଲା। ବଡ଼ ମାଆ ଯାହା ରାନ୍ଧେ ମୋତେ ଡ଼ାକେ। କିଛି ଦିନ ପରେ ଦିଲୁ ଭାଇ ଘରକୁ ଆସିଲେ। ଆଉ ଭାଉଜ ମୋ କଥା ତାଙ୍କୁ କହିଲେ। ଆଉ ତା ପରଦିନ ଦିଲୁ ଭାଇ ମୋତେ ଡ଼ାକି କୁଣ୍ଢେଇ ପକେଇ ଗେଲ କଲେ। ମୋ ପାଇଁ ସାର୍ଟ ପ୍ୟାଣ୍ଟ୍ ଦେଲେ। ଆଉ ମୋ ବାପାଙ୍କ ଦେହ ଭଲ ନଥିବାରୁ ମୋତେ ସ୍କୁଲ ଛାଡ଼ିବାକୁ ମଧ୍ୟ ଆସିଲେ। ଡ଼ାକ୍ତରଖାନାରୁ ଆସିଲା ପରେ ଭାଉଜ, ବଡ଼ମାଆ ସମସ୍ତଙ୍କୁ ମୋ କଥା କହୁଥାନ୍ତି। ମାନସ ପାଇଁ ଆଜି ମୋ ନାତୁଣି ନୂଆ ଜୀବନ ପାଇଲା। ସତରେ ମୋ ସାର୍‌ଙ୍କ କଥା ମନେ ପଡ଼ିଗଲା ଦେବାରେ କେତେ ଆନନ୍ଦ ପାଏ। ଯାହା ଅମୂଲ୍ୟ, ଅଦୃଶ୍ୟ ଖାଲି ଅନୁଭବ କରିହୁଏ।



# ବସୁଧୈବ କୁଟୁମ୍ବକମ୍

ସବିତା ନାଏକ

ଦାନ ମାନବ ଜୀବନରେ ଏକ ଅତ୍ୟନ୍ତ ପବିତ୍ର ଓ ଶ୍ରେଷ୍ଠ କାର୍ଯ୍ୟ। ଦାନ ମାନେ କେବଳ ଧନ ବା ସମ୍ପତ୍ତି ଦେବା ନୁହେଁ। ଏହା ମନର ଉଦାହରଣ ଓ ଦୟାଭାବର ପ୍ରକାଶ। ଯେମିତି ଗଛ ଫଳ ଦେଇ ଅନ୍ୟମାନଙ୍କୁ ଉପକାର କରେ। ସେପରି ଦାନୀ ବ୍ୟକ୍ତି ନିଜ ସମ୍ପଦ ଜ୍ଞାନ ଓ ସମୟ ଦେଇ ସମାଜକୁ ଉନ୍ନତିର ପଥରେ ଜ୍ଞାନ ଓ ସମୟ ଦେଇ ସମାଜକୁ ଉନ୍ନତିର ପଥରେ ନେଇଯାଆନ୍ତି।

ମୁଁ ଜଣେ କିସ୍ ବିଦ୍ୟାଳୟର ଛାତ୍ରୀ । ଏହି କିସ୍ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସାର୍ ଉଦାର ହୃଦୟରେ ସମଗ୍ର ପୃଥିବୀକୁ ନିଜର ପରିବାର ବୋଲି ଚିନ୍ତା କରି ସଦା ସର୍ବଦା ଦେବାର କଳାରେ ସିଦ୍ଧହସ୍ତ। ଆଉ ଅଭାବୀ ମନୁଷ୍ୟକୁ ଦାନ ଦେଇ ଯେଉଁ ଆନନ୍ଦ ମିଳେ ସେଥିରେ ସେ ମହାନ ପବିତ୍ରତା ଅନୁଭବ କରନ୍ତି। ତାହା ହିଁ ମୁଁ ମଧ୍ୟ ଅନୁଭବ କରିଛି। ତେଣୁ ମୁଁ ମୋର ସାମର୍ଥ୍ୟ ଅନୁସାରେ ମୋର ପଡ଼ୋଶୀଙ୍କୁ ତଥା ଦାନ ଯୋଗ୍ୟ ମଣିଷକୁ ଯେତେବେଳେ କୌଣସି ପ୍ରକାରେ ସାହାଯ୍ୟ କରେ ସେଥିରେ ହୃଦୟ ଆନନ୍ଦରେ ନାଚିଉଠେ ଏବଂ ମନରେ ବି ପବିତ୍ରତା ଆସିଯାଏ। ଥରେ ମୋ ଗାଁ ଭାଇଙ୍କ ବାପା ଗାଡ଼ି ଦୁର୍ଘଟଣାରେ ହଠାତ୍ ମୃତ୍ୟୁ ବରଣ କରିଥିଲେ। ସେ ଥିଲେ ବହୁତ ଗରିବ ପିଲାଟି। ସେ କଣ କରିବେ। କେମିତି ଚଳିବେ। ଭାବି ଭାବି ଯେଉଁ ହୃଦୟ ବିଦାରକ କ୍ରନ୍ଦନ କରୁଥିଲେ, ମୁଁ ଆଉ ସହ୍ୟ କରି ନ ପାରି ତାଙ୍କୁ ମୋର ସକ୍ଷମ ଅନୁସାରେ ତାଙ୍କୁ ସାନ୍ତ୍ୱନା ଦେବା ସହିତ ଯେଉଁ କିଛି ଅର୍ଥରାଶି ଦାନ କରିଥିଲି। ସେଥିରେ ସେ ଯେଉଁ ଆଶ୍ୱସ୍ତି ଲାଭ କଲେ, ମୋତେ ଆନନ୍ଦ ଲାଗିବା ସହ ମନରେ ପବିତ୍ରତା ଆସିଯାଉଥିଲା। ଦାନ ଦ୍ୱାରା ମନୁଷ୍ୟ ନିଜ ଅଭିମାନ ଲୋଭ ଓ ସ୍ୱାର୍ଥକୁ ଦୂର କରିଥାଏ। ଏହା ମାନବତାର ସତ୍ୟ ଚିହ୍ନ। ଶାସ୍ତ୍ରରେ କୁହାଯାଇଛି – 'ଦାନ ମେଳ ଜଗତେ ସ୍ଥିତି କାରଣ' ଅର୍ଥାତ୍ ଦାନ ହେଉଛି ସଂସାର ଚାଲି ଥିବାର ମୂଳ କାରଣ ଦାନ କେବଳ ଧନରେ ନୁହେଁ। ଜ୍ଞାନ ଦାନ, ରକ୍ତ ଦାନ, ଅନ୍ନ ଦାନ, ଔଷଧ ଦାନ ଓ ସମୟ ଦାନ ସବୁ ମହାନ। ଏହି ସବୁ ଦାନ ଦ୍ୱାରା ଅନ୍ୟଙ୍କ ଜୀବନ ଉନ୍ନତ ହୁଏ ଓ ସମାଜରେ ଶାନ୍ତି ସ୍ଥାପିତ ହୁଏ।

ଏହିପରି ଦାନ ହେଉଛି ମନୁଷ୍ୟତାର ଆଧାର ଓ ଜୀବନ ଶୋଭା ଯେମିତି ଦୀପ ନିଜକୁ ଜଳାଇ ଅନ୍ଧକାର ଦୂରକରେ। ଯେପରି ଦାନୀ ମନୁଷ୍ୟ ନିଜ ଆତ୍ମାକୁ ଶୁଦ୍ଧ କରି ସମାଜରେ ଆଲୋକ ବିତରଣ କରନ୍ତି ।



# ଦେବାର କଳାରେ ମୁଁ ଓ ମୋ ପଡ଼ୋଶୀ

ମନିଷା ତିରିଆ

ଆଶ୍ୱୀନ ମାସର ଶରତ ସକାଳର ସମୟ ଘଣ୍ଟା ଟିନ୍ ଟିନ୍ ଶଦ୍ଧ କରି ବାଜି ଉଠିଲା । ମନିଷା ଉଠି ପଡ଼ିଲା । ସକାଳ ୬ଟା । ସୂର୍ଯ୍ୟଙ୍କର ସୁନେଲି କିରଣରେ ଶରତ ଋତୁର କାକର ବିନ୍ଦୁ ଉପରେ ଯେପରି ମୋତି ପରି ଚାରିଆଡ଼େ ଦେଖା ଯାଉଥାଏ । ସତେ ଯେପରି ଧରିଣୀ ରାଣୀ ଶୁଭ ରଙ୍ଗର ଶାଢ଼ିଟିଏ ପିନ୍ଧିଛି । ଘରର ଅଗଣାରେ ସୋଫା ଉପରେ ବସି ପଡ଼ିଲା । ମନଟା ତାର ଆନନ୍ଦ ଉଲ୍ଲାସରେ ଭରି ଯାଇଥିଲା । ସେଦିନ ଥିଲା ବିଜୟା ଦଶମୀ ମା ଦୁର୍ଗା ଦେବୀଙ୍କର ପୂଜା ସାରା ସହରଠାରୁ ଗାଁ ଅଞ୍ଚଳ ପର୍ଯ୍ୟନ୍ତ ଚାଲିଥାଏ । କିସ୍ ବିଦ୍ୟାଳୟ ଦଶହରାର ମା ଦୁର୍ଗା ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ଦଶ ଦିନ ଛୁଟି ଅଛି । ସେ ସେହି ଛୁଟିରେ ଗାଁ କୁ ଆସିଛି । ମନରେ ତାର ଭାରି ଆଶା ସେ ପୂଜା ମଣ୍ଡପରେ ଦୁର୍ଗା ଦେବୀଙ୍କୁ ଦର୍ଶନ କରିବ ।

ଏହି ସମୟରେ ତାର ସାଙ୍ଗ କଥା ମନେ ପଡ଼ିଗଲା । ସତେ ତ ମୋର କେତେ ଦିନ ହେଲା ତୁଳସୀ ସହିତ ଦେଖା ହୋଇନାହିଁ । ମୁଁ କିସ୍ ବିଦ୍ୟାଳୟରେ ଯାଇ ପଢ଼ିବା ପରଠାରୁ ତା ସହିତ କଥା ହୋଇନାହିଁ । ଆମ ପଡ଼ୋଶୀ ହୋଇ ରହୁଥିଲା । ମୁଁ ତା ସହିତ କେତେ ସାଙ୍ଗ ହୋଇଛି । ସେ ଏବେ କେମିତି ଅଛି । କେଉଁଠାରେ ରହୁଛି ? ଏହି କଥା ଭାବୁ ଭାବୁ ହଠାତ୍ ମାଆ ଡ଼ାକିଲେ ମନିଷା, ତୋର ନିଦ ଭାଙ୍ଗିଲାଣି । ମୁଁ କହିଲି ହଁ ମା, ମୁଁ କେତେବେଳୁ ଉଠି ଏହି ଅଗଣାରେ ବସିଅଛି । ଦୁର୍ଗା ଦେବୀଙ୍କ ମଣ୍ଡପରୁ ଭାସି ଆସୁଥିବା ବେଦ ଧ୍ୱନୀ, ଘଣ୍ଟ ଘଣ୍ଟା, ଢୋଲ ମହୁରୀର ଶଦ୍ଧରେ କାହାକୁ ବା ନିଦ ହେଉଛି । ମା ହସିଲେ, କହିଲେ ହଉ । ଦାନ୍ତ ଘସି ଦେ ଗାଧୋଇ ପଡ଼ । ଖାଇ ସାରିଲେ ସାଙ୍ଗମାନଙ୍କ ସହ ଦୁର୍ଗାଦେବୀଙ୍କର ପୂଜା ଦେଖିବାକୁ ଯିବା ମୁଁ ପଚାରିଲି । ମାଆ ମୁଁ ଗୋଟେ କଥା ପଚାରିବି । କଣ କହୁନୁ ।

ଆମ ସାନ ମାଆଙ୍କ ଘର ପାଖରେ ଯେଉଁ ପଡ଼ୋଶୀ ତୁଳସୀ ରହୁଥିଲା, ତା ବିଷୟରେ କିଛି ଜାଣିଛ । ମୁଁ ତା ସହିତ ସବୁବେଳେ ସାଙ୍ଗ ହୁଏ । ସେ କେମିତି ଅଛି ? ମାଆ କହିଲେ, କେଉଁ ତୁଳସୀ କଥା କହୁଛୁ । ଏଇ ଆମ ଝୁନିଆର ଝିଅ । ହଁ ମା ସେହି ତୁଳସୀ କଥା କହୁଛି । ହଁ ତାର ବାପାଟା ରୋଗରେ ପଡ଼ିଛି । ତୁ ଗଲାଦିନ ଠାରୁ ତାର ମାଆ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଛାଡ଼ିଲାନି । ସେ ଘରର ସମସ୍ତ କାମ କରୁଛି । ତାର ମାଆ ପର ଘରେ ପାଇଟି କରି ଯାହା ଆଣୁଛି । ତିନି ତିନିଟା ପେଟ ଖାଇବାକୁ ଓଳିଏ ଖାଇଲେ ଦିଓଳି ଉପବାସ ରହିବାକୁ ପଡୁଛି । ବିଚାରି ପିଲାଟା ଗାଁ ବିଦ୍ୟାଳୟରେ ଦିଅକ୍ଷର ପଢ଼ିଥିଲେ ହେଲେ ଭବିଷ୍ୟତରେ କାମରେ ଲାଗିଥାନ୍ତା । ତାର ମାଆ ତାହା କଣ କରେଇ ଦଉଛି । ବାପାଙ୍କ କାମ ସହିତ ଘର କାମ ପିଲାଟା ଧନ୍ଦି ହୋଇ ଗଲାଣି । ଏ କଥା ଶୁଣି ମନିଷା ସଙ୍ଗେ ସଙ୍ଗେ ତୁଳସୀ ଘରକୁ ଦୌଡ଼ିଲା । ତୁଳସୀ, ମନିଷାକୁ ଦେଖି କୁଣ୍ଢେଇ ପକାଇଲା । ଆଉ ଧୈର୍ଯ୍ୟହରା ହୋଇ କାନ୍ଦି ପକାଇଲା । ମନୀଷା କହିଲା ହଉ ଚାଲ୍ ଯିବା ମା

ଦୁର୍ଗାଦେବୀଙ୍କର ପୂଜା ଦେଖି ଆସିବା । ତୁଳସୀ ମୁହଁରୁ ହସଟା ଉଭେଇଗଲା । ତାର ମୁହଁଟା ଝାଉଁଳି ପଡ଼ିଲା । ମନିଷା ତାର ପିଲାଦିନର ସାଙ୍ଗ, ତେଣୁ ତାର ମନରେ କଥାଟା ବୁଝି ପାରିଲା । ମାଆ ବି ତାର କାମ କରି ଅସୁସ୍ଥ ହୋଇପଡ଼ିଲେଣି । ତା ପରେ ମନିଷା ତୁଳସୀ ସହିତ କଥା ହେବାରେ ଲାଗିଲା । ନୀରବରେ ତୁଳସୀର ସମସ୍ତ କଥା ଶୁଣିଲା । ପରେ ଘରକୁ ଫେରି ଆସିଲା । ଭାବିଲା, ମୁଁ ତୁଳସୀକୁ ବହୁତ ସାହାଯ୍ୟ କରି ପାରିବିନି ସିନା ଅଳ୍ପ କିଛି ତ ସାହାଯ୍ୟ କରି ପାରିବି ।

ତୁଳସୀର ମାଆ ସହିତ କଥା ହୋଇ ତୁଳସୀକୁ ପାଠ ପଢ଼ିବାକୁ କହିଲା । ମୁଁ ପାଠ ପଢ଼ିବାରେ ତୁଳସୀକୁ ସାହାଯ୍ୟ କରିବି । ତା ପାଇଁ ଗାଁ ବିଦ୍ୟାଳୟକୁ ଯାଇ ସମସ୍ତ ବ୍ୟବସ୍ଥା କରାଇଦେଲା । ତୁଳସୀକୁ ବଜାରରୁ ଆବଶ୍ୟକୀୟ ଜିନିଷ ପତ୍ରୁ ସାମଗ୍ରୀ କିଣି ଆଣିଦେଲା । ମନିଷାର ମାଆ ଦୁର୍ଗା ପୂଜାରେ ଖର୍ଚ୍ଚ କରିବା ପାଇଁ ଯେଉଁ ପଇସା ଦେଇଥିଲେ, ସେ ତୁଳସୀ ପାଇଁ ଖର୍ଚ୍ଚ କଲା । ମନିଷାର ମାଆ ଘରେ ପିଠାପଣା କରିଥିଲେ । ମନୀଷା ତାର ମାଆକୁ କହି କିଛି ପିଠା ଆଣି ତୁଳସୀକୁ ଦେଲେ । ଏହା ଦ୍ୱାରା ମନିଷା ଓ ତୁଳସୀ ମଧ୍ୟରେ ସମ୍ପର୍କ ନିବିଡ଼ ହେବାକୁ ଲାଗିଲା । ତୁଳସୀ ଆଉ ନିଜକୁ ଏକାକୀ ବୋଲି ଭାବିଲା ନାହିଁ । ସେ ମନିଷାକୁ ଜଣେ ବିଶ୍ୱସ୍ତ ବନ୍ଧୁ ଓ ସହାୟକ ଭାବରେ ଦେଖିଲା ଏହି ସମ୍ପର୍କ ଉଭୟଙ୍କ ପାଇଁ ମାନସିକ ଶାନ୍ତି ଆଣିଲା ଦାନ କରିବାର ଏହି ପ୍ରକ୍ରିୟାରେ ମନିଷା ନିଜେ ଗଭୀର ଆତ୍ମ ସନ୍ତୋଷ ଲାଭ କଲା । ଦାନର କଳା ସତ୍ୟ ପ୍ରମାଣିତ କଲା ଯେ ଦେବାରେ ହିଁ ଆନନ୍ଦ ମିଳେ । ଏହି ସହାନୁଭୂତି ଗୁଣ ସେ କିସ୍‌ରେ ଅଚ୍ୟୁତ ସାମନ୍ତ ସାର୍‌ଙ୍କଠାରୁ ଶିଖିଛି ।



# देने की कला

अभिप्शा दास

रो रहा था वो बच्चा देख खिलौना
ज़िद्द थी चाहिए यही
ना चाहिए चांदी सोना
देख उसे माँ का था बुरा हाल
परेशान था लल्ला
ना खाये ना सोये उसका लाल।

गरीब माँ बेचारी
थी वो लाचार
सुद्ध बुद्ध सब हारी
ख्वाइश थी मेहेंगी
पैसे की थी तंगी
कैसे करे सपना साकार।

देख ये तमाशा
उस छोटे बच्चे की निराशा
एक विद्यार्थी हुआ भावुक
याद आयी विद्यालय की सीख
बात थी ज़बरदस्त
थी वो बात ठीक।

"सुनो मेरी बात, मानो मेरा कहना
पास हो कुछ
तो पड़ोस में दान ज़रूर देना
साफ करो कचड़ा कूड़ा
पडोसी को दान दो
चाहे ज्यादा या थोड़ा।

मदद करो किसी की
करो किसी का उपकार
तभी होगा तुम्हारा आदर सत्कार
तभी कहलाओगे तुम सच्चे इन्सान
जब करो तुम ऐसा काम महान
अच्छे कर्म करो तो होगी गुणगान।"

याद कर ये कहना
हाथ में लिये खिलौना
विद्यार्थी गया बच्चे के पास
"ये लो तुम खेलो इससे
बुनो तुम भी खुशी के अनेक किस्से
मैं तो जी भर खेल लिया"।

ये देख माँ की आँखें भर आयी
ये पूछने खुद को रोक ना पायी
कौन हो प्यारे बेटे, इतनी समझ कैसे आयी
बोला विद्यार्थी, "पढता हूँ KIIT में
आपको देखा तो स्कूल का सबक याद आया
मददगार बनो, हमे तो यही है सिखाया |

ये सुन गरीब माँ से निकली दुआ,
"जुग जुग जियो मेरे लाल
KIIT ने क्या किया कमाल
ऐसे ही मदद करो
हमेशा खुश रहो
खूब तरक्की करो |"

दुनिया की बातें तो बाद की
पहले पेहेल करें हम पड़ोस से
कोई तो जिये हमारे भरोसे
तो ये है बच्चों हमारी सीख
सीखो तो बनोगे इन्सान ठीक
और रहोगे लोगों के दिलों में |



# महान् शिक्षाविद् प्रोफेसर अच्युत सामंत का वास्तविक जीवन-दर्शन आर्ट ऑफ गिविंगः मेरे बाल-जीवन की प्रेरणा है

**कृष्णा तिवार**

मैं अपनी जानकारी से यह गर्व के साथ कह सकता हूं कि भुवनेश्वर कीट-कीस-कीम्स के संस्थापक महान् शिक्षाविद् प्रोफेसर अच्युत सामंत का वास्तविक जीवन-दर्शनःआर्ट ऑफ गिविंगः मेरे बाल-जीवन की सच्ची प्रेरणा हैं।मैं यह भी मानता हूं कि प्रोफेसर अच्युत सामंतजी का आर्ट ऑफ गिविंग जीवन-दर्शन भारत के समस्त युवा समाज में शांति,खुशी और सद्भाव फैलाने, मानवीय संबंधों को मजबूत करने, सभी से प्यार करने में और जरूरतमंदों की मदद करने के लिए बहुत जरुरी जीवन-दर्शन है।मित्रों, यह जानकर मुझे खुशी हुई कि 17 मई, 2013 को अच्युत सामंत सर ने आत्मज्ञान प्राप्त कर इसे अपनाया।आर्ट ऑफ गिविंग जीवन-दर्शन को जाति, भाषा, सम्प्रदाय, लिंग, धर्म, जन्म स्थान आदि की बाधाओं के बिना सभी को अपनाना चाहिए।मैं इससे पूरी तरह से प्रभावित हूं। मेरी समझ से यह एक सामाजिक आंदोलन है जिसके माध्यम से प्रेम, सद्भाव, भाईचारा, एकता और सौहार्द पूरे बाल-समुदाय में विकसित होगा। मेरा यह भी मानना है कि प्रोफेसर अच्युत सामंत जी के इस ऑर्ट ऑफ गिविंग जीवन-दर्शन को अगर देश के सभी स्कूली बच्चे अगर ईमानदारी से अपना लेंगे तो सम्पूर्ण भारतवर्ष में एकता, शांति, मैत्री, प्रेम और भाईचारे का पावन संदेश जाएगा और यह जीवन-दर्शन भारत को विकासशील से विकसित राष्ट्र बनाने में सहायक सिद्ध होगा।

# Art of Giving

Art of Giving (AOG), as espoused by Prof. Achyuta Samanta, educationist and social reformer is a philosophy of life that promotes happiness and peace in the world through acts of selfless giving.

## AOG over the years

- **2014** Society, Spirituality, Humanity
- **2015** Kompassion– The Garment Bank to donate clothes
- **2016** Connecting with the World and Self through pratice of gratitude
- **2017** Cyclothon to spread a message of healthy living and green future
- **2018** Pyaar Bhara Pack–feeding with love-20 million meals distributed
- **2019** Bag of Happiness for students
- **2020** AOG Fights Corona– Honouring COVID warriors
- **2021** My Mother, My Hero–Gratitude letters to mothers
- **2022** Hope, Happiness and Harmony– Acts of kindness and empathy
- **2023** Helping the Help– Serve those who serve you. A decade of AOG
- **2024** Let's AOG– Community celebrations
- **2025** Neighbourgood–Bringing Good to Neighbourhood

1. Number of Locations Celebrated Overall: 25,000
2. Number of International Locations (excluding India): 1000 [Celebrated in 190+ Countries]
3. Number of National Locations (excluding Odisha): 13000
4. Number of Odisha Locations (excluding India): 11000
5. Number of Direct & Indirect Participants: 20 Million

# Become an AOG Member



letsaog.me

www.artofgiving.in.net

/artofgiving.in.net
/artofgiving_net
/artofgiving_aog

www.achyutasamanta.com

/AchyutaSamanta
/Achyuta_Samanta
/dr.achyutasamanta


Address

Koel Campus, KIIT,
Bhubaneswar, Odisha, India
751024
info@artofgiving.in.net



## Art of Giving

Published by Dr. Bijayalaxmi Routray, Kalinga Institute of Industrial Technology,
Plot No. 380/2218, Koel Campus, At/PO- KIIT, Patia, Bhubaneswar, Khordha-751024, Odisha.
Printed at Print-Tech Offset Pvt. Ltd., Plot No: F-66/2 & F-66/2, Chandaka Industrial Area, PO-KIIT,
Bhubaneswar, Khordha-751024, Odisha.

Chief Editor | Dr. Achyutananda Samanta

Editor | Dr. Nikita Ahya